ଧରିତ୍ରୀ
DHARITRI
January 9-15, 2022 ₹ 2/-

# ଛୁଟିଦିନ



# ମାଟିହାଣ୍ଡିରୁ ଟେରାକୋଟା

କୌଳିକ ବୃତ୍ତିର ଦାୟରେ ମାଟି ହାଣ୍ଡିର ମୋହରେ ପଡିଥିବା କୁମ୍ଭକାରଙ୍କ ଆର୍ଥିକସ୍ଥିତି ଧୀରେ ଧୀରେ ଦୁର୍ବଳ ହୋଇପଡିଥିବାବେଳେ ଏବେ ସ୍ଥିତି ସୁଧାରିବାର ବାଟ ଦେଖାଇଛି ଟେରାକୋଟା..

୩
ପ୍ରଚ୍ଛଦ ପ୍ରସଙ୍ଗ



# ଦିଗ ଅନୁଯାୟୀ ଫଳ

**ପୂର୍ବ, ପଶ୍ଚିମ, ଉତ୍ତର, ଦକ୍ଷିଣ ଏହିପରି ଚାରି ଦିଗ ରହିଛି। ଆଉ ପ୍ରତି ଦିଗର କିଛି ନା କିଛି ପ୍ରଭାବ ଆମ ଜୀବନଶୈଳୀ ଓ ଘର ଉପରେ ପଡିଥାଏ ବୋଲି ବାସ୍ତୁଶାସ୍ତ୍ରରେ ଉଲ୍ଲେଖ ଅଛି ; ଆସନ୍ତୁ ଜାଣିବା ସେ ସମ୍ପର୍କରେ...**

* ଦେବାଦେବୀଙ୍କର ମୂର୍ତ୍ତି ହେଉ ଅବା ଫଟୋକୁ ଘରର ପୂର୍ବ ଦିଗରେ ଏପରି ସ୍ଥାପନା କରିବେ, ଯେମିତିକି ତାଙ୍କ ମୁଖ ପଶ୍ଚିମ ଦିଗ ଆଡକୁ ଏବଂ ପୂଜା କରିବା ସମୟରେ ଆପଣଙ୍କ ମୁହଁ ପୂର୍ବ ଦିଗ ଆଡକୁ ରହୁଥିବ। ଏପରି କଲେ ଘରେ ସୁଖ ସମୃଦ୍ଧି ବୃଦ୍ଧି ହୋଇଥାଏ ବୋଲି ବାସ୍ତୁଶାସ୍ତ୍ରରେ ଉଲ୍ଲେଖ ରହିଛି।



* ଘରର ଦକ୍ଷିଣ-ପୂର୍ବ କୋଣରେ ସବୁଜିମାଭରା ଚିତ୍ର ଲଗାଇବା ଦ୍ୱାରା ଘରେ ସକାରାତ୍ମକ ଉର୍ଜା ଉତ୍ପନ୍ନ ହୋଇ ଶାନ୍ତି ବଜାୟ ରହିଥାଏ ବୋଲି ବିଶ୍ୱାସ କରାଯାଏ।
* ଘରର ଉତ୍ତର ଦିଗରେ ଅଁଳା କିମ୍ବା ତୁଳସୀ ଗଛ ଲଗାଇବା ଦ୍ୱାରା ବି ପରିବାରର ମଙ୍ଗଳ ହେବା ସହ ଘରେ ଐଶ୍ୱର୍ଯ୍ୟ ବୃଦ୍ଧି ହୋଇଥାଏ।
* ଘଣ୍ଟାକୁ ସର୍ବଦା ଘରର ପୂର୍ବ, ପଶ୍ଚିମ ଅଥବା ଉତ୍ତର ଦିଗର କାନ୍ଥରେ ଲଗାଇବା ଦରକାର। ଯେହେତୁ ଦକ୍ଷିଣ ଦିଗ ହେଉଛି ଯମରାଜଙ୍କର ଦିଗ ତେଣୁ ସେହି ଦିଗରେ ଘଣ୍ଟା ନ ଲଗାଇବା ଉଚିତ୍। କାରଣ ଏହାଦ୍ୱାରା ଘରର ସଦସ୍ୟଙ୍କ ଉପରେ ନକାରାତ୍ମକ ପ୍ରଭାବ ପଡିଥାଏ। ଖାସ୍ କରି ଆୟୁ ଓ ସ୍ୱାସ୍ଥ୍ୟହାନୀର ଏହା କାରଣ ସାଜିଥାଏ।
* ଉତ୍ତର ଦିଗକୁ ମୁହଁ କରି ପାଠପଢିଲେ ପାଠ ଭଲ ମନେ ରହିଥାଏ। ସେହିପରି ପୂର୍ବ ଦିଗକୁ ମଧ୍ୟ ମୁହଁ କରି ପାଠ ପଢିଲେ ଶୁଭଫଳ ମିଳିଥାଏ।

# ଏ ସପ୍ତାହର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର

ଜାନୁୟାରୀ ୯-୧୫

**ମେଷ**
କାର୍ଯ୍ୟସିଦ୍ଧି, ନୂତନ ବନ୍ଧୁତ୍ୱ, ବହୁମୁଖୀ ଯୋଜନାରମ୍ଭ, ବକେୟାଅର୍ଥ ପ୍ରାପ୍ତି, ଆନୁଷ୍ଠାନିକ ସମ୍ମାନ, ଆରୋଗ୍ୟ ଲାଭ, ପାରିବାରିକ ବିତର୍କ, ସଭାସମିତିକୁ ନିମନ୍ତ୍ରଣ, ଦୂରଯାତ୍ରା, ଶୁଭଖବର ପାଇବେ ॥

**ବୃଷ**
ଶାରୀରିକ ସୁସ୍ଥତା, ଆନୁଷ୍ଠାନିକ କାର୍ଯ୍ୟକ୍ରମ, ସାହିତ୍ୟାନୁରାଗ, ଜନକଲ୍ୟାଣ କର୍ମରୁ ଗୌରବ, କଳାରୁ ସମ୍ମାନ, ବନ୍ଧୁଙ୍କ ସାହାଯ୍ୟ ପ୍ରତିଶ୍ରୁତି, ଜମିଜମା ବିବାଦ, କଚେରୀ ମାମଲାରେ ବିଜୟ, ବାଣିଜ୍ୟରେ ଉନ୍ନତି ॥

**ମିଥୁନ**
ଶୁଭ ଖବର, ପାରିବାରିକ ଆଲୋଚନା, କର୍ମଦକ୍ଷତାରୁ ସମ୍ମାନ, ଆତ୍ମୀୟଙ୍କ ଆଦର ଅଭ୍ୟର୍ଥନା, ସାଂଗଠନିକ ସଭା, ସାଂସ୍କୃତିକ କାର୍ଯ୍ୟ, ସହକର୍ମୀଙ୍କ ଉଦାରତା। ଆର୍ଥିକ ଅଭିବୃଦ୍ଧି, ନୂତନ ମୈତ୍ରୀ, ଦୂରଯାତ୍ରାର ପ୍ରସ୍ତୁତି ॥

**କର୍କଟ**
ନୂତନ ପ୍ରକଳ୍ପ ଆରମ୍ଭ, ବ୍ୟବସାୟିକ ସଫଳତା, ଆଲୋଚନାରେ ଅଗ୍ରଗତି, ପରିବହନରେ ଝଗଡା, ପ୍ରତିବନ୍ଧକ ଦୂରେଇଯିବ, ମୂଲ୍ୟବାନ ଦ୍ରବ୍ୟ କ୍ରୟ, ପଡୋଶୀଙ୍କ ପରାମର୍ଶ, ସଭାସମିତିକୁ ନିମନ୍ତ୍ରଣ,ବନ୍ଧୁଙ୍କ ପ୍ରଶଂସା ॥

**ସିଂହ**
ଅର୍ଥସମ୍ପଦ ଲାଭ, ଜମିଜମା କ୍ରୟ ବିକ୍ରୟ, ସତ୍‌ସଙ୍ଗର ସାନ୍ନିଧ, ସମ୍ପର୍କୀୟଙ୍କ ଅପପ୍ରଚାର, ପ୍ରଶାସନିକ ସ୍ଥିରତା, ରାଜନୈତିକ ଆଲୋଚନା, ମକଦ୍ଦମାରେ ବିଜୟ, ନିର୍ମାଣରେ ପରିପୂର୍ଣ୍ଣତା, ପାରିବାରିକ ବିତର୍କ, ଭ୍ରମଣ ସୁଯୋଗ ପ୍ରାପ୍ତି ॥

**କନ୍ୟା**
ରୋଗପୀଡା ବୃଦ୍ଧି, ମିତ୍ରବନ୍ଧୁଙ୍କ ସମବେଦନା, ପଡୋଶୀଙ୍କ ସାହାଯ୍ୟ, ଯାତ୍ରା ପାଇଁ ପ୍ରସ୍ତୁତି, ନିର୍ମାଣରେ ବିବାଦ, ଧାରକରଜ କରିବେ, ମାନସିକ ଅସ୍ଥିରତା, ପଦୋନ୍ନତିର ସୂଚନା, ଗଠନମୂଳକ କାର୍ଯ୍ୟାରମ୍ଭ ॥

**ତୁଳା**
ପାରିବାରିକ ମତାନ୍ତର, ଅର୍ଥନୈତିକ ସଂକଟ, ସାମାଜିକ ସମ୍ମାନ, ମାନସିକ ଚାପ, ଶତ୍ରୁତାର ସମାଧାନ, ଅସାବଧାନତାରୁ ସମସ୍ୟା, କର୍ମକ୍ଷେତ୍ରରେ ଯଶସମ୍ମାନ, ଭ୍ରାତୃସମ୍ପର୍କରେ ଉନ୍ନତି, ରଚନାତ୍ମକ କାର୍ଯ୍ୟରୁ ପ୍ରଶଂସା ॥

**ବିଛା**
ହୃଦ୍‌ସମ୍ପର୍କ ଫେରିବ, ରୋଗପୀଡା କମିବ, ବକେୟା ହାତକୁ ଆସିବ, ସ୍ଥଗିତକାମ କରିବେ, ଆଶାପୂରଣ ହେବ, ବ୍ୟାଙ୍କଋଣ ପାଇବେ, ସ୍ୱଜନ ଶତ୍ରୁତା କରିପାରନ୍ତି, ପରିବହନରେ ବିବାଦ ଘଟିପାରେ ॥

**ଧନୁ**
ଅନୁକୂଳ ପରିସ୍ଥିତି, ସମ୍ପର୍କ ଯୋଡିବେ, ପ୍ରତିରୋଧର ସାମନା, ପରିବାରରେ ବିତର୍କ, ବନ୍ଧୁଙ୍କ ଭୁଲ୍ ବୁଝାମଣା, ପାରିବେଶିକ ଅନାଶକ୍ତି, ଭ୍ରମଣରେ ଆନନ୍ଦ, ଯାନବାହନ ଲାଭ, ବାଣିଜ୍ୟରେ ପ୍ରତିବନ୍ଧକ, ଆତ୍ମୀୟଙ୍କ ଅନାଦର ॥

**ମକର**
ଦୁଃସାହସିକ ପଦକ୍ଷେପ, ସ୍ୱଜନଙ୍କ ସହଯୋଗ, ପରିସ୍ଥିତିରେ ଉନ୍ନତି, ଯାତ୍ରାରେ ଲକ୍ଷ୍ୟପୂରଣ, ବ୍ୟବସାୟରେ ଉନ୍ନତି, ରାଜନୀତିରେ ଯଶସମ୍ମାନ, ଆନୁଷ୍ଠାନିକ କାର୍ଯ୍ୟକ୍ରମ, କରଜଦାତାଙ୍କ ଚାପ ॥

**କୁମ୍ଭ**
ସମସ୍ୟାଗ୍ରସ୍ତ ହେବେ, ଲକ୍ଷ୍ୟଭ୍ରଷ୍ଟ ହୋଇପାରନ୍ତି, ଯୋଗସାଧନାରେ ରୁଚି, ସଭାସମିତିକୁ ନିମନ୍ତ୍ରଣ, ଦ୍ରବ୍ୟହାନୀରୁ ମନସ୍ତାପ, ଅସମାପ୍ତ ଆଲୋଚନା, କ୍ରନିକରୋଗରେ ପୀଡା, ପାରିବାରିକ ମତାନ୍ତର, ଧର୍ମକାର୍ଯ୍ୟରେ ଆଗ୍ରହ, ବସ୍ତ୍ରାଳଙ୍କାର କ୍ରୟ ॥

**ମୀନ**
ମାନସିକ ଶାନ୍ତି, ପରିଜନଙ୍କ ସହଯୋଗ, ସ୍ଥଗିତ କାର୍ଯ୍ୟାରମ୍ଭ, କଚେରୀ ମାମଲାରେ ବିଜୟ, ସମ୍ମାନିତ ହୋଇପାରନ୍ତି, ସାମ୍ବାଦିକତାରେ ଗୌରବ, ଆଇନ ସହାୟତା, ତୁରନ୍ତ ପଦକ୍ଷେପ, ସମ୍ପର୍କହାନୀ, ସନ୍ତାନଙ୍କ କୃତିତ୍ୱ ॥

# ଖାଦ୍ୟରୁ ମିଳିବ ଉଷ୍ମତା

**ଶୀ**ତଦିନେ ଥଣ୍ଡାରୁ ରକ୍ଷା ପାଇବା ପାଇଁ ଲୋକେ ଶୀତବସ୍ତ୍ରର ବ୍ୟବହାର କରିଥାନ୍ତି। କିନ୍ତୁ ଜାଣନ୍ତି କି ଏହିଦିନେ ଶରୀର ପାଇଁ ବାହ୍ୟ ଉଷ୍ମତା ସହ ଆଭ୍ୟନ୍ତରୀଣ ଉଷ୍ମତାର ମଧ୍ୟ ଯଥେଷ୍ଟ ଆବଶ୍ୟକତା ରହିଛି ; ଯାହା ମିଳିଥାଏ କିଛି ବିଶେଷ ଖାଦ୍ୟ ପଦାର୍ଥରୁ। ଯେମିତିକି:

**ଗୁଡ଼:** ଏହାକୁ ସେବନ କଲେ ଅଧକପାଳି ମୁଣ୍ଡବିନ୍ଧା, ଥଣ୍ଡା, ଶ୍ୱାସରୋଗରୁ ଉପଶମ ମିଳିବା ସହ ପାଚନକ୍ରିୟା ବି ଠିକ୍ ହୋଇଥାଏ। ଶୀତଦିନେ ଗୁଡ଼ ଓ ରାଶି କିମ୍ବା ଗୁଡ଼ ଓ ଚିନାବାଦାମର ଲଡୁ ଖାଇଲେ ଶରୀରକୁ ଉଷ୍ମତା ମଧ୍ୟ ମିଳିଥାଏ।



**ମହୁ:** ଶରୀରକୁ ସୁସ୍ଥ, ନୀରୋଗ ଏବଂ ଫୂର୍ତ୍ତି ରଖିବାରେ ମହୁର ବିଶେଷ ଭୂମିକା ରହିଥାଏ। ତେଣୁ ଆୟୁର୍ବେଦରେ ମହୁକୁ ଅମୃତ ସହ ତୁଳନା କରାଯାଇଥାଏ। ପାଚନକ୍ରିୟାକୁ ଠିକ୍ ରଖିବା, ଶରୀରରେ ରୋଗ ପ୍ରତିରୋଧକ ଶକ୍ତି ବୃଦ୍ଧି କରିବାରେ ମହୁର ଭୂମିକା ଗୁରୁତ୍ୱପୂର୍ଣ୍ଣ। ଶୀତଦିନେ ବି ଏହାକୁ ସେବନ କଲେ ଶରୀରରେ ଫୂର୍ତ୍ତି ଆସିଥାଏ। **ରାଶି:** ଶୀତଦିନେ ରାଶି ଖାଇଲେ ଶରୀରରେ ଉର୍ଜା ବୃଦ୍ଧି ହୋଇଥାଏ। ତଥ୍ୟ ଅନୁସାରେ, ମିଶ୍ରି ପାଣିରେ ରାଶିକୁ ଫୁଟାଇ ପିଇଲେ ଛାତିରେ ଜମାଟ ବାନ୍ଧିଥିବା କଫ ସମସ୍ୟାରୁ ବି ମୁକ୍ତି ମିଳିଥାଏ। **ଖଜୁରି:** ଏଥିରେ ବିଭିନ୍ନ ପ୍ରକାରର ଭିଟାମିନ୍ସ ଓ ମିନେରାଲ୍ସ ଭରି ରହିଥାଏ। ଶୀତଦିନେ ଏହାର ସେବନ ଶରୀରକୁ ଉଷ୍ମତା ପ୍ରଦାନ କରିବା ସଙ୍ଗେ ସଙ୍ଗେ ଉର୍ଜା ବୃଦ୍ଧି କରିଥାଏ। କେବଳ ଏତିକି ନୁହେଁ, ପେସ୍ତାବାଦାମ, ଅଖରୋଟ ପରି ନଟ୍ସ, ଅଦା, ହଳଦୀ, ଡାଲିମ୍ବ, ରସୁଣ, ମେଥିପତ୍ର, ବାଜରା ଆଦି ଖାଦ୍ୟଦ୍ରବ୍ୟକୁ ଖାଇ ମଧ୍ୟ ଶୀତଦିନେ ନିଜ ଶରୀରକୁ ଉଷ୍ମତା ପ୍ରଦାନ କରିହେବ।

# ପାଠକୀୟ

*ସେମାନେ ସଂକଳ୍ପ ନେଇଛନ୍ତି, ସ୍ୱପ୍ନ ଦେଖିଛନ୍ତି। ସ୍ୱପ୍ନକୁ ଆଗକୁ ନେବାର ବାଟ ବି ତିଆରି କରିଛନ୍ତି। ପ୍ରତିଦ୍ୱନ୍ଦୀ ନ ହୋଇ ପାରସ୍ପାରିକତାରେ ବଞ୍ଚିବାକୁ ଚେଷ୍ଟା କରିବା ସହ ସମସ୍ତ ଯୁବପିଢିଙ୍କ ପାଇଁ ଉଦାହରଣ ପାଲଟିଛନ୍ତି। ଗଢିବାକୁ ଚେଷ୍ଟା କରୁଛନ୍ତି ଗୋଟେ ସୁସ୍ଥ, ସୁନ୍ଦର ପରିବେଶ ଓ ସମାଜ। ତେଣୁ କିଛି ଯୁବପିଢିଙ୍କର ଅତୁଳନୀୟ କାର୍ଯ୍ୟକୁ ନେଇ ସ୍ୱତନ୍ତ୍ର ଭାବେ ଉପସ୍ଥାପନା ହୋଇଥିବା ଏଥରର ପ୍ରଚ୍ଛଦ ପ୍ରସଙ୍ଗ 'ସଂକଳ୍ପ'ଟି ଏକ ସୁନ୍ଦର ଆଲେଖ୍ୟ ଥିଲା। 'ନୂଆବର୍ଷ କେମିତି ହେବ ସୁଖମୟ' ସେ ସମ୍ପର୍କରେ ମଧ୍ୟ ଏଥରର ଛୁଟିଦିନରୁ ଅନେକ କିଛି ଜାଣିବାକୁ ମିଳିଲା।

*-ସ୍ୱପ୍ନା ଚୌଧୁରୀ, ବଳିଆପଣ୍ଡା, ପୁରୀ*

*ଏଥରର ପ୍ରଚ୍ଛଦ ପ୍ରସଙ୍ଗ 'ସଂକଳ୍ପ'ରୁ ଓଡ଼ିଶାର କେତେକ ବିଶିଷ୍ଟ ବ୍ୟକ୍ତିଙ୍କର ଅତୁଳନୀୟ କାର୍ଯ୍ୟ ସମ୍ପର୍କରେ ଜାଣିହେଲା। ସେହିପରି ସେନାଙ୍କ ଗାଁ ବିଲିପଡ଼ାରୁ ଗାଁର ଅବଦାନ ବିଷୟରେ ବହୁ ଅଜଣା କଥା ଜାଣିବାକୁ ମିଳିବାରୁ ଖୁସି ଲାଗିଲା। ସାମାଜିକ କର୍ମୀ ଭବାନୀ ଭୂୟାଁଙ୍କ ରୋଜଗାର ସମ୍ପର୍କିତ ଅନୁଭୂତିଟି ବି ଭାରୀ ହୃଦୟସ୍ପର୍ଶୀ ଥିଲା। ସାଥୀର ଉତ୍ତରଗୁଡ଼ିକ ମଧ୍ୟ ଖୁବ୍ ରୋମାଣ୍ଟିକ୍ ଲାଗୁଥିଲା।

*-ଶ୍ରୀ କହ୍ନେଇ ଚରଣ ନନ୍ଦୀ, ସାଆନ୍ତା, ଶେରଗଡ଼, ବାଲେଶ୍ୱର*

*ଏଥରର ସୃଜନ ପୃଷ୍ଠାରେ ସ୍ଥାନିତ 'ପରିବର୍ତ୍ତିତ କ୍ୟାଲେଣ୍ଡର' ନାମକ ଗପଟି ଖୁବ୍ ମନଛୁଆଁ ହୋଇପାରିଥିଲା। ସେହିପରି 'ନୂଆବର୍ଷ' ସମ୍ପର୍କିତ କବିତା ଦୁଇଟି ବି ବେଶ୍ ହୃଦୟସ୍ପର୍ଶୀ ଲାଗୁଥିଲା। ଏଥରର ସେଲିବ୍ରିଟି ସିକ୍ରେଟ୍‌ରେ ସ୍ଥାନ ପାଇଥିବା ଅଭିନେତ୍ରୀ ଶୀତଲ ପାତ୍ରଙ୍କ ପିଲାଦିନ କଥା ଭାରୀ ମଜାଦାର୍ ଥିଲା। ସେହିପରି ଛୁଟିଦିନର କ୍ୟାଲେଣ୍ଡର୍ ପୃଷ୍ଠାରେ ସ୍ଥାନ ପାଇଥିବା ଶାନ୍‌ଭୀଙ୍କ ଫଟୋଟି ଅତି ସୁନ୍ଦର ହୋଇଥିଲା।

*-ରାଧାମୋହନ ମିଶ୍ର, ଆଳି, କେନ୍ଦ୍ରାପଡ଼ା*

*ଏଥରର ସିନେମା ପୃଷ୍ଠାରେ ସ୍ଥାନିତ 'ଅନୁଶୋଚନା କରୁନାହାନ୍ତି ଜନ୍', 'ମେଘନାଙ୍କ ପ୍ରଶଂସାରେ ସାନ', 'ଡେଟ୍ ପାଇଁ' ଆଦି ପାଠଗୁଡ଼ିକର ଉପସ୍ଥାପନା ଶୈଳୀ ବେଶ୍ ଉଚ୍ଚକୋଟୀର ଥିଲା। ମଡେଲ୍ ମିରର୍‌ରେ ଅନ୍ୱେଷା ବେଶ୍ ସୁନ୍ଦରୀ ଲାଗୁଥିଲେ। ନୂଆବର୍ଷରେ କେଉଁଠିକି ବୁଲିଗଲେ ମଜା ଆସିଥାଏ ସେ ସମ୍ପର୍କରେ ସହର ପୃଷ୍ଠାରୁ ଅନେକ କିଛି କଥା ଜାଣିହେଲା।

*-ସୌଭାଗ୍ୟ ପଟ୍ଟନାୟକ, ବାଦାମବାଡ଼ି, କଟକ*

*ବିବିଧା ପୃଷ୍ଠାରେ ସ୍ଥାନିତ 'ସବୁଠୁ ଛୋଟ ଘୋଡ଼ା' ଏବଂ ବ୍ୟାକ୍‌ପେଜ୍ ପୃଷ୍ଠାରେ ସ୍ଥାନିତ 'ନୂଆବର୍ଷର ଭିନ୍ନ ଏକ ପରମ୍ପରା', 'ଫୁଲ ଆକୃତିର ହେୟାରଷ୍ଟାଇଲ୍', 'ଥ୍ରୀ ଡି ଅଲ୍ଟ୍ରା ସାଉଣ୍ଡ' ଆଦି ପାଠଗୁଡ଼ିକ ବେଶ୍ ଆଶ୍ଚର୍ଯ୍ୟକର ଥିଲା। ସେହିପରି ବ୍ୟଙ୍ଗ ପୃଷ୍ଠାରୁ 'ପ୍ରଶ୍ନ ଏକ, ଉତ୍ତର ଅଲଗା- ତାହା ହିଁ ଜୀବନ' ସମ୍ପର୍କରେ ଏକ ନୂଆ ବାର୍ତ୍ତା ମିଳିଲା।

*-ସାଗରିକା ପ୍ରଧାନ, ଖୋର୍ଦ୍ଧା*

## ବିଶେଷ ଚିଠି




ଆହେ ମୋର ପ୍ରିୟ ଛୁଟିଦିନ
ସାତ ଦିନରେ ହୁଏ ତୁମ ଦର୍ଶନ।
ଷୋହଳ ପୃଷ୍ଠାରେ ତୁମେ ଆସ
କରିନିଅ ସଭିଙ୍କୁ ବଶ।
ପ୍ରଚ୍ଛଦ ତୁମର ଭାରୀ ବଢିଆ
ସିନେମା ବି କରେ ବହୁ କିମିଆ।
ସାଥୀର ଉତ୍ତର ଲାଗେ ମଧୁର
ପ୍ରେରଣା ଦିଏ ପୁଣି ପ୍ରଥମ ରୋଜଗାର।
କେତେ ନୂଆ ଜାଗା ବୁଲୁ ସହରଠୁ ଦୂରେ
ବିବିଧା, ବ୍ୟାକ୍‌ପେଜ୍ ଦିଏ ବାର୍ତ୍ତା ଅନେକରେ।
ଏହିପରି ସର୍ବଦା ତୁମେ ଆସୁଥାଅ
ସଭିଙ୍କର ପ୍ରିୟ ହେଉଥାଅ।

*-ଅଭିନାଶ ମହାନ୍ତି, ଚକ୍ରତୀର୍ଥ ରୋଡ୍, ପୁରୀ-୨*

ଧରିତ୍ରୀ ଛୁଟିଦିନ
ସମ୍ପାଦକ: ତଥାଗତ ସତପଥୀ
Printed and published by Tathagata Satpathy on behalf of
Navajat Printers & Media Pvt. Ltd. and printed at Navajat Printers, B-15,
Rasulgarh Industrial Estate, Bhubaneswar-10, Ph.:2549302, Fax : 2549795



# ମାଟିହାଣ୍ଡିରୁ ଟେରାକୋଟା

**କୌଳିକ ବୃତ୍ତିର ଦାୟରେ ମାଟି ହାଣ୍ଡିର ମୋହରେ ପଡିଥିବା କୁମ୍ଭକାରଙ୍କ ଆର୍ଥିକସ୍ଥିତି ଧୀରେ ଧୀରେ ଦୁର୍ବଳ ହୋଇପଡିଥିବାବେଳେ ଏବେ ସ୍ଥିତି ସୁଧାରିବାର ବାଟ ଦେଖାଇଛି ଟେରାକୋଟା..**



ଜନ୍ମରୁ ମୃତ୍ୟୁ ଯାଏ ବିଭିନ୍ନ ସମୟରେ ଭିନ୍ନ ଭିନ୍ନ କାମରେ ଖୋଜାପଡନ୍ତି ସେମାନେ। ଦିନେ ସେମାନଙ୍କ ବିନା ଅସମ୍ଭବ ହୋଇପଡୁଥିଲା କାମ କାର୍ଯ୍ୟ। ହେଲେ ଏବେ ସେମାନଙ୍କର ଗୁରୁତ୍ୱ ନାହିଁ ଆଗଭଳି। ଏମାନେ ହେଲେ କୁମ୍ଭକାର ସମ୍ପ୍ରଦାୟ, ଯାହାଙ୍କ କୌଳିକ ବୃତ୍ତି ମାଟିପାତ୍ର ଗଢ଼ିବା। ଦିନେ ଦୈନନ୍ଦିନ ଜୀବନରେ ପ୍ରତିଟି କାମରେ ଖୋଜା ପଡୁଥିବା ମାଟିପାତ୍ର ଏବେ ମୁଖ୍ୟତଃ ପୂଜାପରମ୍ପରାରେ ହିଁ ସୀମିତ ରହିଯାଇଛି ; ଯେଉଁଥିପାଇଁ ଦୁର୍ବଳ ହୋଇପଡିଛି ତାଙ୍କ ଆର୍ଥିକସ୍ଥିତି। ସେହି ଦୁର୍ବଳ ଆର୍ଥିକସ୍ଥିତିକୁ ଧରି ମାଟିହାଣ୍ଡିର ମୋହରେ କିଛି କୁମ୍ଭକାର ସମ୍ପ୍ରଦାୟ ରହିଥିବାବେଳେ କିଛି ଯୁବପିଢ଼ି ସ୍ଥିତି ସୁଧାରିବାର ବାଟ ଖୋଜିଛନ୍ତି। ଆଉ ତାଙ୍କୁ ବାଟ ଦେଖାଇଛି ଟେରାକୋଟା।

**ମାଟି ଦେଇଛି ରୋଜଗାର:** କୌଳିକ ବୃତ୍ତିର ଦାୟରେ ମାଟିପାତ୍ର ଗଢ଼ି ପରିବାର ପ୍ରତିପୋଷଣ କରୁଥିବା ଲୋକମାନଙ୍କ ମତରେ ମାଟି ହିଁ ଦେଇଛି ତାଙ୍କୁ ରୋଜଗାର। ଏମାନେ ହେଲେ କୁମ୍ଭକାର ସମ୍ପ୍ରଦାୟର। ବାଲେଶ୍ୱର ଜିଲାରେ ଦୁଇପ୍ରକାର କୁମ୍ଭାର ଅଛନ୍ତି। ଏମାନେ ବଂଶାନୁକ୍ରମିକ ଭାବରେ ମାଟିରେ ହାଣ୍ଡି, ମାଠିଆ, ଦୀପ, ଢାଳ, ସୁରେଇ, ହାତୀ, ଘୋଡ଼ା ପ୍ରଭୃତି ସାମଗ୍ରୀ ଗଢ଼ି ଜିଲା ତଥା ଜିଲା ବାହାରକୁ ପଠାଇ ଦି' ପଇସା ରୋଜଗାର କରିଥାନ୍ତି। ସାଙ୍ଗକୁ ଧାନ ଚାଷ ସେମାନଙ୍କର ମୁଖ୍ୟ କାମ ହୋଇଥାଏ।

ଇତିହାସ ଅନୁସାରେ, ନୀଳଗିରି ଜଗନ୍ନାଥ ମନ୍ଦିର ପ୍ରତିଷ୍ଠା ହେବା ପରେ ଜଗନ୍ନାଥଙ୍କଠାରେ ଲାଗିବାକୁ ଥିବା ଦୀପ, ଢାଳ, ସୁରେଇ, ମାଠିଆ, ହାଣ୍ଡି ପ୍ରଭୃତି ଗଢ଼ିବା ପାଇଁ ତତ୍କାଳୀନ ରାଜା କିଶୋର ଚନ୍ଦ୍ର ମର୍ଦ୍ଦରାଜ ବିହାର ରାଜ୍ୟରୁ ମୋଦିଆ ଜାତିର କିଛି କାରିଗରଙ୍କୁ ଆଣି ନୀଳଗିରି ବ୍ଲକର ବ୍ରାହ୍ମଣୀ ପାହାଡ଼ ପାଦଦେଶରେ ଥିବା ବୁଗାଳିବନ୍ଧ ନିକଟରେ ଥଇଥାନ କରିଥିଲେ। ପାହାଡ଼ ପାଦଦେଶ ଜମିରେ ଥିବା ଅଠାଳିଆ ମାଟିକୁ କାରିଗରମାନେ ସଂଗ୍ରହ କରି ସେଥିରେ ବାଲି ମିଶାଇ ଗୋଡ଼ରେ ଚକଟିବା ସହିତ ସେଥିରେ ଥିବା ଗେଟି ଓ ଗୋଡ଼ି ବାହାର କରିଥାନ୍ତି। ଉକ୍ତ କାଦୁଅକୁ ନେଇ ଚକ ସାହାଯ୍ୟରେ କାରିଗରମାନେ ଉପରୋକ୍ତ ସାମଗ୍ରୀ ପ୍ରସ୍ତୁତ କରିଥାନ୍ତି। ଏଥିରେ ପରିବାରର ପୁରୁଷ ଲୋକମାନେ ମାଟି, ବାଲି ଆଣିବା କାର୍ଯ୍ୟ ସହ ଚକ ବୁଲାଇ ସାମଗ୍ରୀ ପ୍ରସ୍ତୁତ କରୁଥିବା ବେଳେ ମହିଳା ଓ ପିଲାମାନେ କାଦୁଅ ଚକଟିବା, ପ୍ରସ୍ତୁତ ସାମଗ୍ରୀକୁ ଶୁଖାଇବା, ଭାଟି ପାଇଁ ପ୍ରସ୍ତୁତ କରିବା, ରଙ୍ଗ ଦେବା ଭଳି କାମରେ ସହାୟତା କରିଥାନ୍ତି। ପ୍ରସ୍ତୁତ ସାମଗ୍ରୀକୁ ବିଭିନ୍ନ ହାଟ, ବଜାରରେ ବିକ୍ରି କରି ଏହି ବଂଶଜ ଲୋକମାନେ ଦୀର୍ଘବର୍ଷ ଧରି ପରିବାର ଭରଣପୋଷଣ କରିଆସୁଛନ୍ତି। ରାଜାଙ୍କ ଦ୍ୱାରା ମାତ୍ର କେତେଜଣ କାରିଗର ବୁଗାଳିବନ୍ଧ ଗାଁରେ ବସତି ସ୍ଥାପନ କରିଥିବା ବେଳେ ଆଜି ଉକ୍ତ ଅଞ୍ଚଳରେ ୭ଶହରୁ ଊର୍ଦ୍ଧ୍ୱ ପରିବାର। ସେଠାରୁ କିଛି ଲୋକ ସୋର ଅଞ୍ଚଳର ରଙ୍ଗାମାଟିଆ, ନୀଳଗିରି ବ୍ଲକର ଜାମୁନା, ପିଠାହଟା, ତରତରି ସହ ମୟୂରଭଞ୍ଜ ଜିଲାର ଢୁକୁରା, ଚୁନିଡିହା, ବଣତାଳପଦା, ବଡ଼ସାହି, କେନ୍ଦୁଡିହା, ମାର୍କୁଣ୍ଡି ଅଞ୍ଚଳରେ ରହି ହାଣ୍ଡିମାଠିଆ ଗଢୁଛନ୍ତି। ବୁଗାଳିବନ୍ଧ ଗାଁର ହାରଧାନ ବେହେରା, ସୁରେନ୍ଦ୍ର ବେହେରା, ମଦନ ବେହେରା, ଗିରିଧାରୀ ବେହେରା, ହରିହର ବେହେରା, ବୈଦ୍ୟନାଥ ବେହେରା, ସହାଗୀ ବେହେରା, ସରସ୍ୱତୀ ବେହେରା, ଚନ୍ଦ୍ରି ବେହେରା ପ୍ରମୁଖ ଉକ୍ତ ସାମଗ୍ରୀ ପ୍ରସ୍ତୁତ କରିବାର ପ୍ରଣାଳୀକୁ ତଳପିଢ଼ିଙ୍କୁ ଶିଖାଉଛନ୍ତି।

ଉକ୍ତ ଅଞ୍ଚଳର ଯୁବ କାରିଗର କୁଶଚନ୍ଦ୍ର ବେହେରାଙ୍କ କହିବାନୁସାରେ ଦିନ ଥିଲା ଆମ ବାପାଜେଜେବାପାଙ୍କ ଅମଳରୁ କେବଳ ଏହି କାମ କରି ପରିବାର ପ୍ରତିପୋଷଣ କରୁଥିଲେ। ଏବେ ବି ମାଟିପାତ୍ର ଗଢି ଉକ୍ତ ସାମଗ୍ରୀକୁ ଭଦ୍ରକ, ଚରମ୍ପା, ରାଣୀତାଲ, ଗଣ୍ଡିବେଢ଼, ସୋର, ଖନ୍ତାପଡ଼ା, ଇରମ, ବାଲେଶ୍ୱର ଭଳି ସାନବଡ଼ ବଜାରରେ ଆରାମରେ ବିକ୍ରି କରି ମାସିକ ୫ରୁ ୮ହଜାର ଟଙ୍କା ଆୟ କରିପାରୁଛନ୍ତି। ସାମାଜିକ କର୍ମୀ ବିଜୟ କୁମାର ଆଚାର୍ଯ୍ୟଙ୍କ ମତରେ, ପୂର୍ବରୁ ଏହି ଅଞ୍ଚଳର ପିଲାମାନେ ଶିକ୍ଷା ଗ୍ରହଣ ନ କରି କେବଳ ଉକ୍ତ କାର୍ଯ୍ୟରେ ଲିପ୍ତ ରହୁଥିଲେ। ଏବେ ଶିକ୍ଷା ସହ ପିଲାମାନେ ଆଧୁନିକ ମାଟିପାତ୍ର ତିଆରି ବି ଶିଖୁଛନ୍ତି। କାରଣ ଏବେ ଆଧୁନିକ ମାଟିପାତ୍ର ଓ ଟେରାକୋଟାର ଚାହିଦା ବହୁତ ରହିଛି। ଉପଯୁକ୍ତ ସରକାରୀ ସହାୟତା ମିଳିପାରିଲେ ସେମାନେ ଆଗକୁ ବଢିପାରିବା ସହ ଆର୍ଥିକ ସ୍ୱଚ୍ଛଳ ହୋଇପାରିବେ।

**ଏବେ ଟେରାକୋଟାକୁ ଭରସା:** ଏହି ବୃତ୍ତି ପ୍ରତି ଲୋକଙ୍କ ଆଗ୍ରହ କମି ଆସିଥିବାବେଳେ ଭଦ୍ରକ ଜିଲା ଚାନ୍ଦବାଲି ବ୍ଲକ ମାଧପୁର ଗ୍ରାମ ପଞ୍ଚାୟତର ମୁଦୁଲି ସାହିର ପ୍ରାୟ ୬୦ଟି କୁମ୍ଭକାର ପରିବାର ନିଜର କୌଳିକ ବୃତ୍ତି ବଞ୍ଚାଇ ରଖିଛନ୍ତି। ମାଧପୁର ହାଣ୍ଡି, ଆଟିକା ଆଦି ସାମଗ୍ରୀର ଚାହିଦା ରହିଛି। ସ୍ଥାନୀୟ ଅଞ୍ଚଳର ବିଭିନ୍ନ ଗାଁରେ ଲୋକମାନଙ୍କ ନିକଟରେ ଏକ କଥା ପ୍ରଚଳିତ। ପଇସା ଦେବ ମାଧପୁର ହାଣ୍ଡି ବଜାଇ ନେବ। ଏହା ମାଧପୁରର ସାମଗ୍ରୀର ଗୁଣବତ୍ତାକୁ ସୂଚାଇଥାଏ। ଗ୍ରାହକମାନେ ବିନା ଦ୍ୱିଧାରେ ଏହାକୁ କ୍ରୟ କରି ନେଇଥାଆନ୍ତି। କୁମ୍ଭକାରମାନେ ସ୍ଥାନୀୟ ମତୋ ବଜାରରେ ନିଜର ସାମଗ୍ରୀ ବିକ୍ରି କରୁଥିବା ବେଳେ କେତେକ ଲୋକ ବିଭିନ୍ନ ଗାଁରେ ବୁଲି ଏହି ବେପାର କରୁଛନ୍ତି। ଏହାଛଡା ଘଟପୁର ପଞ୍ଚାୟତର ରତନୀ ଗାଁର ୨୦ଟି ପରିବାର ଓ ଜୟନ୍ତୀ ଗାଁର ୩୦ପରିବାର, ଗୋପୀନାଥପୁର ପଞ୍ଚାୟତର ହଳଦିଆ ଗାଁର ୩୦ ପରିବାର, ଭାଟପଡା ପଞ୍ଚାୟତର ଚନ୍ଦନବିନ୍ଧା ଗାଁର ୧୦ଟି ପରିବାର, ମହୁଲିଆ ଗ୍ରାମ ପଞ୍ଚାୟତର ଚନ୍ଦନପୁର ଗାଁର ୩୦ଟି କୁମ୍ଭକାର ପରିବାର ସେମାନଙ୍କ କୌଳିକବୃତ୍ତିକୁ ବଞ୍ଚାଇ ରଖିଛନ୍ତି। ବିବାହ, ବ୍ରତ, କୀର୍ତ୍ତନ, ଘର ପ୍ରତିଷ୍ଠା ଅବା ମୃତାହ କର୍ମ ସବୁପାଇଁ ବିଭିନ୍ନ କିସମର ପୋଡାମାଟି ପାତ୍ରର ଆବଶ୍ୟକତା ପଡିଥାଏ। ଦିନକୁ ଦିନ ମାଟିପାତ୍ରର ବ୍ୟବହାର କମୁଥିବା ବେଳେ ଏହି କୁମ୍ଭକାର ପରିବାରମାନେ ଚିନ୍ତାରେ ପଡିଛନ୍ତି। ମାଟିରୁ ହାଣ୍ଡି, କଳସ, କଳସି, ପିଆଣ, ଦୀପ, ପଲମ, ଝୁଣାଦାନି, ମାଟି ଚୁଲି, ଚୁଲି ମୁହଁ, କୁମ୍ପି, ଘୋଡା, କଣ୍ଢେଇ, ପତଲା, ମାଢ, ଜାହାଲା ଆଦି ତିଆରି କରୁଛନ୍ତି। ଉଭୟ ପୁରୁଷ ଓ ସ୍ତ୍ରୀ ଲୋକମାନେ ଏହି କାମ କରନ୍ତି। ମୁଦୁଲି ସାହିର ବୃନ୍ଦାବନ ବେହେରା କୁହନ୍ତି, 'ଅଠର ବର୍ଷ ବୟସରୁ ସେ ଏହି କୌଳିକ ବୃତ୍ତି କରି ଆସୁଛନ୍ତି। ଏବେ କେଇବର୍ଷ ହେବ ସେ ଟେରାକୋଟା କାମରେ ମନ ଦେବା ସହିତ ସିମେଣ୍ଟ ଓ ମାଟିରେ ବିଭିନ୍ନ ମୂର୍ତ୍ତି ତିଆରି କରି ବିକୁଛନ୍ତି। ମାଟିରୁ ଘୋଡା, ହାତୀ, ଚିଙ୍ଗୁଡି, ମୟୂର, ପାଣି ବୋତଲ, ସୁରେଇ ଭଳି ଜିନିଷ ସେ ତିଆରି କରିଛନ୍ତି। ମାଟି ଘୋଡାର ଆକାର ୬ଇଞ୍ଚରୁ ଅଢେଇ ଫୁଟ ପର୍ଯ୍ୟନ୍ତ। ଘୋଡା ଯୋଡାକ ୨୦ଟଙ୍କାରୁ ୨ଶହ ଟଙ୍କା ଦାମରେ ବିକ୍ରି ହୋଇଥାଏ। ଟେରାକୋଟା ସାମଗ୍ରୀର ଚାହିଦା ସ୍ଥାନୀୟ ଅଞ୍ଚଳରେ ନ ଥିବାରୁ ଭଲ ରୋଜଗାର ହୋଇପାରୁ ନାହିଁ। ବାହାରେ ବିକ୍ରି ପାଇଁ ସରକାରଙ୍କ ତରଫରୁ ବ୍ୟବସ୍ଥା ହେଲେ ଭଲ ହୁଅନ୍ତା। ଚନ୍ଦନପୁର ଗାଁର ଭାସ୍କର ବେହେରା କୁହନ୍ତି, 'ପ୍ରାୟ ୪୦ବର୍ଷ ହେବ ଏହି କାମ କରୁଛୁ। ମାଟିରୁ ସାମଗ୍ରୀ ତିଆରି କରିବା ସହିତ ଅନ୍ୟ କାରିଗରଙ୍କଠାରୁ ଜିନିଷ କିଣି ନେଇ ମୁଖ୍ୟତଃ ଚାନ୍ଦବାଲି ହାଟରେ ବିକ୍ରି କରିଥାଉ। ଏଥିରୁ ତାଙ୍କର ପରିବାର ଚଳୁଛି। ସରକାରଙ୍କ ତରଫରୁ ଟେରାକୋଟା ତିଆରିର ତାଲିମ୍ ଦିଆଗଲେ ସେ ଏହି କାମ ମଧ୍ୟ କରିବେ ବୋଲି କହିଛନ୍ତି।

→




# ଟେରାକୋଟାର ଭବିଷ୍ୟତ ଉଜ୍ଜ୍ୱଳ


ରମେଶ ଚନ୍ଦ୍ର ମୁଦୁଲି

ରମେଶ ଚନ୍ଦ୍ର ମୁଦୁଲି, ଘର ବାଲେଶ୍ୱରର ଚିନ୍ତାମଣିପୁର। ବାପା ତାଙ୍କର କୌଳିକ ବୃତ୍ତି ଦାୟରେ ହାଣ୍ଡି ଗଢନ୍ତି। କିନ୍ତୁ ତାଙ୍କର ଇଚ୍ଛା ଥିଲା ଇଲେକ୍ଟ୍ରିକ୍ କାମ କରିବେ। କାରଣ ଘରର ଆର୍ଥିକ ପରିସ୍ଥିତି ଭଲ ନ ଥିଲା। ୨୦୦୦ରେ ମାଟ୍ରିକ୍ ପାସ୍ ପରେ କଲିକତା ଯାଇ ଇଲେକ୍ଟ୍ରିକ୍ କାମ ଶିଖିଲେ। ହେଲେ ସେ ପୂରା ହୋଇପାରିଲା ନାହିଁ। ତା'ପରେ ଦୁଇବର୍ଷ ପାଇଁ ଗୁଜରାଟ ରାଜସ୍ଥାନ ଯାଇ ପଥର କାମ ଶିଖିଲେ, କାମ କଲେ କିନ୍ତୁ ମନ ଲାଗିଲା ନାହିଁ। ଘରକୁ ଚାଲି ଆସିଲେ। ବୋଉ ତାଙ୍କର କହିଲେ ତୁ ବାପାଙ୍କ କାମ ଶିଖ। ଆଗରୁ ଟିକେ ଟିକେ ଶିଖିଥିଲେ। ବୋଉଙ୍କ କଥା ମାନି ଏବେ ପୂରା ସମୟ ଦେବାକୁ ଚିନ୍ତା କଲେ। ରମେଶ କୁହନ୍ତି, ଆମ ଗାଁ ପାଖର ନରହରି ମୁଦୁଲି ଡାକି କହିଲେ-ତୁ ଚକ ବୁଲାଇ ପାରିବୁ? ମୋ ଚକ ବୁଲାଇବା ଦେଖି କହିଲେ ତୁ ଖୁବ୍‌ଶୀଘ୍ର ଶିଖିଯିବୁ। ୨୦୦୮ ମସିହାରେ ମୁଁ ରାଜ୍ୟ ହସ୍ତଶିଳ୍ପ ତାଲିମ କେନ୍ଦ୍ରରେ ଦୁଇବର୍ଷ ଟେରାକୋଟାରେ କୋର୍ସ କରିବା ପରେ ୯ ମାସ ଡିଜାଇନ୍ କୋର୍ସ କଲି। ଘରେ ଆସି କାମ କରୁଥିଲି। ଏହାପରେ ରାଜ୍ୟ ସରକାରଙ୍କ ତରଫରୁ ଓଡ଼ିଶାର ବିଭିନ୍ନ ଜାଗାକୁ ଯାଇ ଟେରାକୋଟା ଉପରେ ଟ୍ରେନିଂ ଦେଲି। ପ୍ରଥମେ ଢେଙ୍କାନାଳରେ ୪୫ ଜଣଙ୍କୁ ଟ୍ରେନିଂ ଦେବାପରେ ଭୁବନର ଚିତଲ ଗାଁରେ ୬ମାସ ରହି ଟ୍ରେନିଂ ଦେଲି। ତା'ପରେ ଉତ୍କଳ ବାଳାଶ୍ରମ ଆଦିରେ ଟ୍ରେନିଂ ଦେବା ସହ ବିଭିନ୍ନ ମେଳାକୁ କାମ ନେଇ ଯାଉଥିଲି। ୨୦୧୭ ମସିହାରେ ବାଲେଶ୍ୱର ଓରମାସ୍‌ର ଜିତେନ୍ଦ୍ର କୁମାର ବିଶ୍ୱାଳ ଚାହୁଁଥିଲେ ତାଙ୍କ ଟେରାକୋଟା ଗ୍ରୁପରେ ଜଣେ ଟ୍ରେନିଂ ଦେବେ। ମୁଁ ସେଠାରେ ଟ୍ରେନିଂ ଦେବା ସହିତ କହିଲି "ଆମ ଗାଁରେ ୧୦୦ରୁ ଅଧିକ କୁମ୍ଭକାର ଅଛନ୍ତି। ସ୍ତ୍ରୀ ଲୋକମାନେ ବି କାମ ନାହିଁ ବସିଛନ୍ତି। ତେଣୁ ଆମ ଗାଁରେ ଗ୍ରୁପ୍ କଲେ ହେବନି। ସାର୍ ରାଜି ହୋଇଗଲେ। ପ୍ରଥମେ ଗାଁରେ ୩୦ ଜଣିଆ ଉତ୍ପାଦକ ଗୋଷ୍ଠୀ ତିଆରି ହେଲା। ବାପା ଗ୍ରୁପ୍ ନାଁରେ ୪ ଡିସିମଲ୍ ଜାଗା କରିଦେଲେ। ଯାହା ଫଳରେ ଆମ ଗାଁ ବିକାଶ ଯୋଜନାରେ ୧୦ ଲକ୍ଷ ଟଙ୍କାର ଘର ବି ଦେଲେ। ଆଞ୍ଚଳିକ ହସ୍ତତନ୍ତ୍ର ତାଲିମ୍ କେନ୍ଦ୍ରରେ ଆମ ଗ୍ରୁପ୍‌ର ୨୩ ଜଣ ଟ୍ରେନିଂ ନେଇଛନ୍ତି। ଶିଳ୍ପୀଗ୍ରାମ ଯୋଜନାରେ ୪୫ ଜଣଙ୍କୁ ଟ୍ରେନିଂ ଦିଆଯାଇଛି। ଏହାପରେ ଓଡ଼ିଶା ବାହାର ମେଳାକୁ ବି ଗଲୁ। କେଭିଆଇସି ତରଫରୁ ୩୦ଟି ଚକ ମିଳିଲା, ଯେଉଁଥିରେ ଆମେ ୧୦ଭାଗ ପଇସା ଦେବା ବେଳେ କେନ୍ଦ୍ର ସରକାର ୯୦ ଭାଗ ପଇସା ଦେଲେ। କଲେକ୍ଟର ଲକ୍ଷେ ୮୦ ହଜାର ଟଙ୍କା ଖର୍ଚ୍ଚ କରି ପାଣିର ବ୍ୟବସ୍ଥା କରିଛନ୍ତି। ଓରମାସ ଫଣ୍ଡରୁ ୨ଲକ୍ଷ ୪ହଜାର ଟଙ୍କା ମିଳିଛି, ଯେଉଁଥିରେ ଆମେ ଗୁଜରାଟରୁ ୩ଟା ମେସିନ୍ ମଗାଇ ଚା' କପ୍ ତିଆରି କରୁଛୁ। ୬ ଲକ୍ଷ ଟଙ୍କା କଲେକ୍ଟର ଦେଇଛନ୍ତି। ସେରାମିକ୍ ଗ୍ୟାସ୍ ଭାଟି ଆଣି ସେଥିରେ ସେରାମିକ୍ କାମ ସହ ଟେରାକୋଟା କାମ ବି କରିପାରିବୁ। ଭବିଷ୍ୟତର ଯୋଜନା ଅଛି ଆମ ଗାଁକୁ ଶିଳ୍ପୀଗ୍ରାମ କରିବା। ଏବେ ଅଳ୍ପ ପୁରୁଷ ଲୋକ ଆମ ଗାଁରେ ହାଣ୍ଡି ଗଢୁଥିବା ବେଳେ ସବୁ ମହିଳାମାନେ ଟେରାକୋଟା କାମ କରୁଛନ୍ତି। ପ୍ରକୃତରେ ଟେରାକୋଟା କାମର ଚାହିଦା ବହୁତ। ଏତେ କାମ ଆସୁଛି ଯେ ଯୋଗାଇ ହେଉନି। ତେଣୁ ମୁଁ ଚାହୁଁଛି ଅଧିକରୁ ଅଧିକ ଲୋକ ଟ୍ରେନିଂ ନେଇ ଏହି କାମ କରନ୍ତୁ। କାରଣ ଏହାର ଭବିଷ୍ୟତ ବହୁତ ଭଲ।

**ପରମ୍ପରା ପାଇଁ ଖୋଜା ପଡୁଛି:** ପୂର୍ବରୁ ନୟାଗଡ ଓ ଖୋର୍ଦ୍ଧା ଜିଲାରେ ଅଧିକାଂଶ ଗାଁରେ କୁମ୍ଭାର ସମ୍ପ୍ରଦାୟର ଲୋକ ମାଟି ହାଣ୍ଡି, ଆଟିକା, ସରା, ଘଡି, ମାଠିଆ ତିଆରି କରୁଥିଲେ। ରସ, ଷ୍ଟିଲ, ପ୍ଲାଷ୍ଟିକ ଉପକରଣ ଆସିବା ପରେ ଧୀରେ ଧୀରେ ଏହି ବେଉସା ବୁଡି ଚାଲିଲା। କୁମ୍ଭାରମାନେ ନିଜ ବେଉସା ଛାଡି ଅନ୍ୟ କାମରେ ନିୟୋଜିତ ହେଲେ। କିଛି କାଁ ଭାଁ କୁମ୍ଭାର ସଂପ୍ରଦାୟର ପରିବାର ବୃତ୍ତିକୁ ବଞ୍ଚାଇ ରଖିବାରେ ସକ୍ଷମ ହେଲେ। ଏବେ ଓଡଗାଁ ବ୍ଲକର ମଝିଆଖଣ୍ଡ, ଶିଖରପୁର ଓ ପଞ୍ଚରିଡା, ନୟାଗଡ ବ୍ଲକର ଗବକଳ, ଖଣ୍ଡପଡା ବ୍ଲକର ଗୁଣ୍ଡୁଣୀ, ଯୋଗିଆପଲ୍ଲୀ ଓ ଶିଖରପୁର, ରଣପୁର ବ୍ଲକର ରଙ୍ଗଦେଉଳି, ଗଡଡିଆପଡା ଅଞ୍ଚଳରେ କାଁ ଭାଁ ସ୍ଥାନରେ ମାଟିପତ୍ର ନିର୍ମାଣ ହେଉଥିବାର ଦେଖିବାକୁ ମିଳୁଛି। ଏନେଇ ଗଡଡିଆପଡାର ସନ୍ତୋଷ ପ୍ରଧାନ କୁହନ୍ତି, ମାଟିପତ୍ର ନିର୍ମାଣ ପାଇଁ ଆଉ କାଠ ମିଳୁନାହିଁ। ଯେଉଁ କାଠ ମିଳୁଛି ତାହା କିଣି







ମାଟିପାତ୍ର ପୋଡିବା ସମ୍ଭବ ହେଉ ନାହିଁ। ମାଟିପାତ୍ରର ଦର ଅଧିକ କଲେ ଲୋକେ ନେବେନି। ଜଟଣୀ ବ୍ଲକର ବିମଳ ବେହେରା କୁହନ୍ତି, ମାଟିପାତ୍ର ନିର୍ମାଣ ଶୁଭ, ଅଶୁଭ କାର୍ଯ୍ୟ ଓ ଠାକୁରଙ୍କ ପାଇଁ କେବଳ ତିଆରି ହେଉଛି। ଖୋର୍ଦ୍ଧାଜିଲାର ଚିଲିକାବ୍ଲକର ସୋରଣ କୁମ୍ଭାର ସାହିରେ ପ୍ରାୟ ୬୦ଟି କୁମ୍ଭାର ପରିବାର ରହୁଛନ୍ତି। ଏହି ଗାଁର ପ୍ରଫୁଲ୍ଲ ମୁଦୁଲି କୁହନ୍ତି, 'କେବଳ ବିଭିନ୍ନ ପର୍ବପର୍ବାଣି ସମୟରେ କୁମ୍ଭକାରମାନେ ମାଟିର ହାଣ୍ଡି, ଆଟିକା, ମାଠିଆ,ସୁରେଇ, ଦୀପ ଆଦି ବିଭିନ୍ନ ପ୍ରକାରର ମାଟିପାତ୍ର ଗଢି ଜୀବିକା ନିର୍ବାହ କରୁଛନ୍ତି। ଖରାଦିନେ ପାଣିରଖିବା ପାଇଁ ଆଜିକାଲି ଅନେକ ବ୍ୟକ୍ତି ବିଭିନ୍ନ ଆକୃତିର ମାଟିସୁରେଇକୁ କିଣିନେଇଥାନ୍ତି। ମାଠିଆ ଗୋଟିଏ ପ୍ରାୟ ୨୦ରୁ ୩୦ଟଙ୍କା ସୁରେଇ ଗୋଟିଏ ୪୦ରୁ ୭୦ଟଙ୍କାମୂଲ୍ୟରେ ବିକ୍ରି କରାଯାଇଥାଏ। ଚୈତ୍ର, ବୈଶାଖ ଓ ଜ୍ୟେଷ୍ଠ ଆଦି ତିନିମାସ ବେପାର ବେଶ୍ ଭଲ ହୋଇଥାଏ। ବିଭିନ୍ନ ମେଳଣ, ଯାନିଯାତରାରେ ମାଟିପାତ୍ର ବିକ୍ରିକରିବାକୁ ନେଇଥାଉ। ସେହିପରି ଟାଙ୍ଗି ବ୍ଲକ ଅନ୍ତର୍ଗତ ୧୬ନମ୍ବର ଜାତୀୟ ରାଜପଥର କଡ଼ରେ ରହିଛି ବଡ଼ପାରି ଗ୍ରାମପଞ୍ଚାୟତର ଅହିଆରା ଗାଁ। ଗାଁ ଭିତରକୁ ପ୍ରବେଶମାତ୍ରେ ନଜରପଡ଼ିବ ଚାଳଛପର ଘେରା ଏକ କୁମ୍ଭାରଶାଳଘର, ବାରଣ୍ଡାରେ ସଜଡ଼ା ହୋଇ ରହିଥିବା ବିଭିନ୍ନ ମାଟିପାତ୍ର ଉପରେ। ଶାଳଘର ନିକଟରେ ମାଟି ଚକଘୁରାଉଥିବା ଦୀନବନ୍ଧୁ ମୁଦୁଲି କୁହନ୍ତି, 'ପୁରୁଷପୁରୁଷଧରି ଆମର ଏହି କୁଳବେଉସା ଚାଲିଛି। ଆମ କୁମ୍ଭାର ସାହିର ଲୋକମାନେ ବାଣପୁର ଆୟତପୁର ଅଞ୍ଚଳରୁ ମାଟି ଆଣୁଥିଲେ। ଆଜିକାଲି ଏହି ମାଟିର ଦାମ୍ ଅଧିକ ହେଲାଣି। ପ୍ରାୟ ଗୋଟିଏ ଟ୍ରାକ୍ଟର ପିଛା ଦୁଇ ହଜାରଟଙ୍କା ଦବାକୁ ପଡୁଛି। ତଥାପି ଆମେ ଏହି କୌଳିକ ବୃତ୍ତିକୁ ବଞ୍ଚେଇ ରଖିଛୁ।

**ମାଟି ହାଣ୍ଡିର ସ୍ଥାନ ନେଉଛି ଟେରାକୋଟା:** ସ୍ଥାନୀୟ ବିଡାନାସି କୁମ୍ଭାର ସାହିର ସୁରେନ୍ଦ୍ର ବେହେରା କହିଛନ୍ତି, ଏ ସାହିରେ ପ୍ରାୟ ୩୦୦ ପରିବାରରୁ ୨୫୦ ପରିବାର ମାଟିର ବିଭିନ୍ନ ପାତ୍ର ନିର୍ମାଣ କରି ପରିବାର ପ୍ରତିପୋଷଣ କରୁଥିଲେ। ଏବେ ୨ ରୁ ୩ଟି ପରିବାର ଏହି କାର୍ଯ୍ୟରେ ନିୟୋଜିତ ଅଛନ୍ତି। ତେବେ ନଈରେ ମାଟି ମିଳିବା ଧୀରେ ଧୀରେ କଷ୍ଟକର ବ୍ୟାପାର ହୋଇପଡିବାରୁ ଓ ମାଟିପାତ୍ରର ଚାହିଦା ଦିନକୁଦିନ କମିବାରୁ ବହୁ ପରିବାର ଏହି ବୃତ୍ତିରୁ ନିଜକୁ ଦୂରେଇ ନେଲେ। ଏବେ ପୁନଶ୍ଚ ଲୋକଙ୍କ ମଧ୍ୟରେ ମାଟିରେ ନିର୍ମିତ ବିଭିନ୍ନ ପାତ୍ରର ଚାହିଦା ବୃଦ୍ଧି ପାଇବା ସହ ଟେରାକୋଟାର ଚାହିଦା ବୃଦ୍ଧି ପାଉଛି। ତେବେ ବର୍ତ୍ତମାନର ମାଟି ନିର୍ମିତ ବିଭିନ୍ନ ପାତ୍ରର ଚାହିଦା ବୃଦ୍ଧିକୁ ଦୃଷ୍ଟିରେ ରଖି ଯଦି ସରକାରୀ ପ୍ରୋତ୍ସାହନ ମିଳନ୍ତା ତାହାଲେ ଏହା ଆମର ଆର୍ଥିକ ମାନଦଣ୍ଡ ବୃଦ୍ଧିରେ ସହାୟକ ହୋଇପାରନ୍ତା।

ନିଜର ଆର୍ଥିକସ୍ଥିତି ସୁଧାରିବା ପାଇଁ କୁମ୍ଭକାରମାନେ ଯେଉଁଭଳିଭାବେ ଆଧୁନିକ ମାଟିପାତ୍ର ଓ ଟେରାକୋଟାକୁ ଆପଣେଇଲେଣି ତାହା ନିଶ୍ଚିତଭାବେ ସ୍ୱାଗତଯୋଗ୍ୟ।

-ରୋଜାଲିନ୍ ମହାନ୍ତି

ମାନସ ବିଶ୍ୱାଳ, ଅଶୋକ ପଣ୍ଡା, ଲୋକନାଥ ମିଶ୍ର, ଅଭିଜିତ ଚନ୍ଦ୍ର





# ଟ୍ରେଣ୍ଡି ୱିଣ୍ଟର ଫ୍ୟାଶନ



**ଶୀତଦିନେ କେଉଁଭଳି ନିଜକୁ ସଜାଇଲେ ଶୀତରୁ ରକ୍ଷା ପାଇବା ସହ ଷ୍ଟାଇଲିଶ୍ ଲାଗିବେ, ସେ ନେଇ ଅନେକଙ୍କର ଚିନ୍ତା ରହିଥାଏ। ହେଲେ ଏବେ ତ ମାର୍କେଟ୍‌କୁ ଅନେକ ଭେରାଇଟିର ଆକର୍ଷଣୀୟ ଶୀତବସ୍ତ୍ର ସାଙ୍ଗକୁ ଷ୍ଟାଇଲିଶ୍ ୱିଣ୍ଟର୍ କ୍ୟାପ୍ ଓ ଟ୍ରେଣ୍ଡି ଫୁଟ୍‌ୱେର୍ ସବୁ ଆସିଗଲାଣି, ଯାହାକୁ ପିନ୍ଧି ଯେ କେହି ବି ସୁନ୍ଦର ଲାଗିପାରିବେ। ଆସନ୍ତୁ ଜାଣିବା ସେ ନେଇ କିଛି ସହଜ ଟିପ୍ସ...**



**ଜମ୍ପସୁଟ୍ ସହ ଶ୍ରଗ୍:** ଶୀତଦିନେ ଷ୍ଟାଇଲିଶ୍ ଲୁକ୍ ସହିତ କମ୍ଫର୍ଟେବଲ୍ ଉପରେ ବିଶେଷ ଧ୍ୟାନ ଦେଉଥିବା ଯୁବତୀମାନେ ଚାହିଁଲେ ଜମ୍ପସୁଟ୍ ସହ ଶ୍ରଗ୍‌କୁ ମ୍ୟାଚିଂ କରି ପିନ୍ଧିପାରିବେ। ଏହାକୁ ପିନ୍ଧିଲେ ଶୀତରୁ ରକ୍ଷା ମିଳିବା ସହ ମନ ଭିତରେ କନ୍‌ଫିଡେଣ୍ଟ ଲେଭଲ୍ ବଢିଗଲା ଭଳି ଅନୁଭବ ହୋଇଥାଏ। ଖାସ୍ କରି ସାଙ୍ଗମାନଙ୍କ ସହ ଆଉଟିଂରେ ଗଲାବେଳେ ଏହାକୁ ପିନ୍ଧିଲେ ସ୍ମାର୍ଟ ଲୁକ୍ ମିଳିଥାଏ।

**ହୁଡେଡ୍ ଟି–ଶାର୍ଟ:** ଶୀତଦିନେ ଦିନବେଳା ହେଉଥିବା ହାଲ୍‌କା ହାଲ୍‌କା ଥଣ୍ଡାରେ ହୁଡେଡ୍ ଟି–ଶାର୍ଟ ପିନ୍ଧିଲେ ବେଶ୍ ଆରାମ ଲାଗିଥାଏ। ଏହାର ଉଭୟ ପ୍ଲେନ୍ ଓ ଚେକ୍ ଷ୍ଟାଇଲ୍ ଟି–ଶାର୍ଟ ଦେଖିବାକୁ ଯେମିତି ସୁନ୍ଦର ଲାଗେ, ପିନ୍ଧିଲେ ସେମିତି ଆଟ୍ରାକ୍ଟିଭ୍ ଲୁକ୍ ମିଳେ। ଏହାକୁ ଉଭୟ ଅଫିସ୍ ହେଉ କିମ୍ବା ସାଙ୍ଗମାନଙ୍କ ସହ ବୁଲିବାକୁ ଗଲାବେଳେ ପିନ୍ଧାଯାଇପାରେ। ସେହିପରି ଲୁକ୍‌କୁ ଆଉ ଟିକେ ଆକର୍ଷଣୀୟ କରିବାକୁ ଚାହୁଁଥିଲେ, ଏହା ସହିତ ଷ୍ଟାଇଲିଶ୍ ସନ୍‌ଗ୍ଲାସ୍ ବି ଟ୍ରାଏ କରିପାରିବେ। ଆଉ ସବୁଠୁ ଖାସ୍ କଥା ହେଉଛି ଉଭୟ ମହିଳା ଓ ପୁରୁଷମାନଙ୍କ ପାଇଁ ଭିନ୍ନ ଭିନ୍ନ ଡିଜାଇନ୍‌ର ହୁଡେଡ୍ ଟି–ଶାର୍ଟ ଏବେ ମାର୍କେଟ୍‌ରେ ଉପଲବ୍ଧ ହେଲାଣି।

**କ୍ରପ୍ ଷ୍ଟାଇଲ୍ କାର୍ଡିଗନ୍:** ଏହାକୁ ୱେଷ୍ଟର୍ନ ଆଉଟ୍‌ଫିଟ୍ ସହ ମ୍ୟାଚିଂ କରି ପିନ୍ଧିଲେ ଯେମିତି ସୁନ୍ଦର ଲାଗିଥାଏ, ଠିକ୍ ସେମିତି ଇଣ୍ଡିଆନ୍ ଆଉଟ୍‌ଫିଟ୍ ସହିତ ଏହାକୁ ପିନ୍ଧିଲେ ଡିଫରେଣ୍ଟ ଲୁକ୍ ମିଳିଥାଏ। ଖାସ୍ କରି ହାଲ୍‌କା ରଙ୍ଗରେ ଆସୁଥିବା କ୍ରପ୍ ଷ୍ଟାଇଲ୍ କାର୍ଡିଗନ୍‌କୁ ଟ୍ରାଉଜର୍ସ କିମ୍ବା ଜିନ୍ସ ସହ ପେୟାର୍ କରି ପିନ୍ଧିଲେ ସ୍ମାର୍ଟ ଲୁକ୍ ମିଳିବା ସହ ଶୀତରୁ ରକ୍ଷା ମିଳିଥାଏ।

**ଅଲ୍ ଟାଇମ୍ ହିଟ୍ ସ୍ୱେଟର୍:** ଶୀତଦିନେ ଶର୍ଟ ଷ୍ଟାଇଲ୍ ସ୍ୱେଟର୍‌ଠାରୁ ଆରମ୍ଭ କରି ଓଭର୍ ସାଇଜ୍ ସ୍ୱେଟର୍ ପର୍ଯ୍ୟନ୍ତ ଖୁବ୍ ଡିମାଣ୍ଡ ରହିଥାଏ। ସମୟାନୁସାରେ ଫ୍ୟାଶନ୍ ଟ୍ରେଣ୍ଡରେ ଅନେକ ପରିବର୍ତ୍ତନ ଆସୁଥିଲେ ବି ସ୍ୱେଟର୍‌ର ଚାହିଦା କେବେ ବି କମେ ନାହିଁ। ଖାସ୍ ସେଥିପାଇଁ ପ୍ରତିବର୍ଷ ଶୀତଦିନେ ମାର୍କେଟ୍‌ରେ କେତେ ଆକର୍ଷଣୀୟ ଡିଜାଇନ୍‌ର ସ୍ୱେଟର୍ ବିକ୍ରି ହୋଇଥାଏ, ଯାହାକୁ ଉଭୟ ୱେଷ୍ଟର୍ନ ଓ ଇଣ୍ଡିଆନ୍ ଆଉଟ୍‌ଫିଟ୍ ସହ ମ୍ୟାଚିଂ କରି ପିନ୍ଧିହୁଏ।

**ଟ୍ରେଣ୍ଡି ଷ୍ଟୋଲ୍:** ଷ୍ଟୋଲ୍ ଆମକୁ ଶୀତରୁ ରକ୍ଷା କରିବା ସହ ଆମର ପର୍ସନାଲିଟିକୁ ବଢ଼ାଇବାରେ ମଧ୍ୟ ବିଶେଷ ସାହାଯ୍ୟ କରିଥାଏ। ସେଥିପାଇଁ ଏହାର ଅନେକ ଭେରାଇଟି ମାର୍କେଟ୍‌ରେ ଦେଖିବାକୁ ମିଳିଥାଏ। ଖାସ୍ କରି ଲିଓପାର୍ଡ ପ୍ରିଣ୍ଟ ଷ୍ଟୋଲ୍, ପମ୍ ପମ୍ ଷ୍ଟୋଲ୍, ମଲ୍ଟିକଲର୍ ଷ୍ଟୋଲ୍, ଫ୍ଲୋରାଲ୍ ଡିଜାଇନ୍ ଷ୍ଟୋଲ୍ ଇତ୍ୟାଦିର ବେଶ୍ ଚାହିଦା ରହିଥାଏ ଯୁବପିଢ଼ିଙ୍କ ଭିତରେ।

**ୱିଣ୍ଟର କ୍ୟାପ୍:** ଶୀତଦିନେ ଷ୍ଟାଇଲିଶ୍ ଲୁକ୍ ସହ ଶରୀରକୁ ଶୀତଦାଉରୁ ରକ୍ଷା କରିବା ପାଇଁ କେବଳ ଆକର୍ଷଣୀୟ ଆଉଟ୍‌ଫିଟ୍ କିମ୍ବା ୱିଣ୍ଟର ୱେର୍ ପିନ୍ଧିଦେଲେ ତ ହେବନି, ମୁଣ୍ଡକୁ ସୁରକ୍ଷା ଦେବା ପାଇଁ ୱିଣ୍ଟର୍ କ୍ୟାପ୍‌ର ବି ଆବଶ୍ୟକତା ପଡିବ। ଖାସ୍‌କରି ବେନି କ୍ୟାପ୍, କଲର୍–ବ୍ଲକ୍ ଫେଡୋରା କ୍ୟାପ୍, ପମ୍ ପମ୍ କ୍ୟାପ୍, ଲେଦର୍ ଷ୍ଟାଇଲ୍ ଫାବ୍ରିକ୍ କ୍ୟାପ୍ ଭଳି ଟ୍ରେଣ୍ଡି ୱିଣ୍ଟର୍ କ୍ୟାପ୍‌ର ଏବେ ଖୁବ୍ ଚାହିଦା ଥିବା ଦେଖିବାକୁ ମିଳୁଛି।

**ୱିଣ୍ଟର ଫୁଟ୍‌ୱେର୍:** ଦେହ ଓ ମୁଣ୍ଡ ସହ ଶୀତଦାଉରୁ ପାଦକୁ ସୁରକ୍ଷା ଦେବା ପାଇଁ ବି ମାର୍କେଟ୍‌ରେ ଏବେ ଅନେକ ଭେରାଇଟିର ୱିଣ୍ଟର୍ ଫୁଟ୍‌ୱେର୍ ମିଳୁଛି। ଯେମିତିକି: ସ୍ନିକର୍ସ, ଆଙ୍କେଲ୍ ବୁଟ୍, ୱେଦରପ୍ରୁଫ୍ ବୁଟ୍, ରାଇଡିଂ ବୁଟ୍ ଇତ୍ୟାଦି। ଯୁବତୀମାନେ ଚାହିଁଲେ ଏହିସବୁ ଫୁଟୱେର୍‌କୁ ଟ୍ରାଏ କରି ଷ୍ଟାଇଲିଶ୍ ଲୁକ୍ ପାଇବା ସହ ଶୀତଦାଉରୁ ପାଦକୁ ସୁରକ୍ଷା ଦେଇପାରିବେ।









# ବୃକ୍ଷ ହେଉଛି ମା' ବାପା ସମ




ପେସା ତାଙ୍କର ଶିକ୍ଷକତା କିନ୍ତୁ ନିଶା ବୃକ୍ଷରୋପଣ । ପ୍ରାକୃତିକ ପରିବେଶରେ ବିଭିନ୍ନ ଜୀବଜନ୍ତୁ କିପରି ନିରାପଦରେ ବିଚରଣ ସହିତ ବଂଶବିସ୍ତାର କରିପାରିବେ, କେମିତି ହୋଇପାରିବ ପରିବେଶର ସୁରକ୍ଷା, ଏମିତି କାର୍ଯ୍ୟରେ ସେ ସର୍ବଦା ଚିନ୍ତିତ । ୧୯୬୦ମସିହାରୁ ସକ୍ରିୟଭାବେ ସେ ଏଥିଲାଗି ଉଦ୍ୟମ ଜାରି ରଖିଛନ୍ତି । ଏଥିପାଇଁ ବିଭିନ୍ନ ସ୍କୁଲ ହତା, ପୋଖରିହୁଡ଼ା ଓ ପଡ଼ିଆ ସ୍ଥାନରେ ନାନା ପ୍ରକାର ବୃକ୍ଷଲତା ଲଗାଇଛନ୍ତି । ଏବେ ସେ ଜଣେ ଅବସରପ୍ରାପ୍ତ ଶିକ୍ଷକ । ବୃକ୍ଷରୋପଣ ହେଉ କି ଜୀବଜନ୍ତୁଙ୍କ ସୁରକ୍ଷା, ଏହା ତାଙ୍କର ଦୈନନ୍ଦିନ କାର୍ଯ୍ୟ । ସବୁବେଳେ କାନ୍ଧରେ ପଡ଼ିଥାଏ ଏକ ଝୁଲାମୁଣି । ହାତରେ ଧରିଥିବା ଏକ ଜରି ବ୍ୟାଗ୍ ଭିତରେ ସାଇତିଥାନ୍ତି ଫୁଲଫଳ, ପଶୁପକ୍ଷୀଙ୍କ ସୁରକ୍ଷା ସମ୍ପର୍କିତ ବିଭିନ୍ନ ଉପାଦେୟ ପ୍ଲାକାର୍ଡ଼-କିଛି ଲିଫ୍‌ଲେଟ ଓ ଫଟୋଚିତ୍ର । ଏପରି ସାମଗ୍ରୀ ଧରି ସେ ଗାଁ ଗାଁ ବୁଲନ୍ତି । ବୟସର ଅପରାହ୍ଣରେ ବି ଥକିପଡ଼ିନି ତାଙ୍କ ପାଦ । ମାଡ଼ି ଚାଲିଛନ୍ତି ଆଗକୁ ଆଗ । ଏଥିପାଇଁ ତାଙ୍କୁ ବିଭିନ୍ନ ସଂସ୍ଥାରୁ ମିଳିଛି ଶତାଧିକ ପୁରସ୍କାର ଓ ସମ୍ମାନ । ସେ ହେଲେ ଅନ୍ତର୍ଯ୍ୟାମୀ ସାହୁ, ଜନ୍ମ ତା୨୭.୧୨.୧୯୪୬ରେ । ପିତା ଖଲି ସାହୁ, ମା' ଗୌରୀ ଦେଈ । ଘର ନୟାଗଡ଼ ଜିଲା କଣ୍ଟିଲୋ ଅଞ୍ଚଳର ଥୋରିଆ ସାହିରେ । ସେ କୁହନ୍ତି, 'ବାପାଙ୍କ ଆଦର୍ଶରେ ଅନୁପ୍ରାଣିତ ହୋଇ ସ୍କୁଲରେ ପଢିବା ବୟସରୁ ହିଁ ଗଛ ଲଗାଇବା କାର୍ଯ୍ୟ ଆରମ୍ଭ କରିଥିଲି । ପିଲାଦିନେ ଆମ ଗାଁର ପୋଖରୀ ହୁଡ଼ାରେ ୧୫ଟି ପୁରୁଣା ଆମ୍ବଗଛ ଥିଲା । ସେହି ଗଛମୂଳ ଛାଇରେ କେତେକ ଗାଈବାଛୁରି ବିଶ୍ରାମ ନେଉଥିଲେ । କିନ୍ତୁ ସମୟକ୍ରମେ ସେଠାରୁ ଆମ୍ବଗଛଗୁଡ଼ିକ ମରିଗଲା । ମାତ୍ର ଗୋଟିଏ ଆମ୍ବଗଛ କୋରଡ଼ରେ ଏକ ବରଗଛ ଉଠିଥିଲା । ସେହି ଗଛଟିକୁ ଆଣି ପୋଖରୀ ହୁଡ଼ାରେ ଲଗାଇଥିଲି । ଏବେ ଗଛଟି ତା'ର ଶାଖା ପ୍ରଶାଖା ମେଲାଇ ଅଧିକ ଛାଇ ଦେଉଥିବାରୁ ସେହି ଗଛତଳେ ଏକାଧିକ ଗୋରୁ ଓ ପଥଚାରି ବିଶ୍ରାମ ନେଉଛନ୍ତି । ସେବେଠାରୁ ଗଛ ଲଗାଇବାର ଆଗ୍ରହ ବଢ଼ିଯାଇଥିଲା । ଅବଶ୍ୟ ସ୍କୁଲରେ ପଢୁଥିବାବେଳେ ଗଛ ଲଗାଇବାରେ ହରିହର ମିଶ୍ର ମୋତେ ସହଯୋଗ କରୁଥିଲେ । ମାଟ୍ରିକ ଶେଷ ବେଳକୁ ବହୁସଂଖ୍ୟକ ଗଛ ଲଗାଇ ସାରିଥିଲି । ଯେଉଁଠି ସବୁଜ ଗଛ ଦେଖେ ସେଠାରେ କିଛି ସମୟ ଅଟକିଯାଏ । ମୋ ଅଜାଣତରେ ମନକୁ ମନ କିଛି କଥା ହୁଏ । ଯାହା ମୋତେ ଭାରି ଆନନ୍ଦ ଦିଏ । ମୋର ମାଟ୍ରିକ୍ ସିଟି ପଢ଼ା ସରିଲାପରେ ବୌଦ୍ଧର ପୁରୁଣାକଟକରେ ଏକ ପ୍ରାଥମିକ ସ୍କୁଲରେ ଶିକ୍ଷକ ଭାବେ ଯୋଗଦେଲି । ସେଠାରେ ପରିବେଶ ଓ ଜୀବଜନ୍ତୁଙ୍କ ସୁରକ୍ଷା ନିମନ୍ତେ ନାନା ଜାତିର ଗଛ ଲଗାଇଥିଲି । ହରଭଙ୍ଗା ବ୍ଲକ ଅଧୀନ ଏକ ପ୍ରାଚୀନ ବୁଦ୍ଧପୀଠରେ ଲୁମ୍ବିନୀ ଉଦ୍ୟାନ ଲାଗି ଉଦ୍ୟମ କରିଥିଲି । ସ୍ଥାନୀୟ ସ୍କୁଲ ଛାତ୍ରୀଛାତ୍ର ଓ ଗ୍ରାମବାସୀଙ୍କ ଦ୍ୱାରା ଏହା ସଫଳ ହୋଇଛି । ଜଙ୍ଗଲ ଅଞ୍ଚଳର ପ୍ରାୟ ୪କିମି ରାସ୍ତାରେ ଲୋକଙ୍କୁ ସାମିଲ କରି ଜଙ୍ଗଲରେ ନିଆଁ ଲଗାଇବାରୁ ନିବୃତ ରହିବା ଓ ଜଙ୍ଗଲ ସୁରକ୍ଷା ସମ୍ପର୍କରେ ଏକ ପଦଯାତ୍ରା କରିଥିଲୁ । ଶିକ୍ଷକତା ପାଇଁ ଯେଉଁ ସ୍କୁଲକୁ ଯାଇଛି ସେଠାରେ ବିଭିନ୍ନ ବୃକ୍ଷଲତା ଲଗାଇ ଆନନ୍ଦ ପାଇଛି । ଭାପୁର କାଳିଆପଲ୍ଲୀରେ ବିଶ୍ୱାବସୁ, ଲଳିତ ଦେବୀ ଉଦ୍ୟାନ, ନବକଳେବର୨୦୧୫ ସ୍ମୃତିରେ ମାଧବ ଉଦ୍ୟାନ ଓ ଗ୍ରାମଲକ୍ଷ୍ମୀ ଉଦ୍ୟାନ ସୃଷ୍ଟି କରାଯାଇଛି । ଧାରକଟା ୟୁପି ସ୍କୁଲରେ ପ୍ରାୟ ୨ଶହ ଶାଗୁଆନ ଗଛ ଲଗାଇବାର ସଫଳତା ମିଳିଛି । ଏଥିପାଇଁ ସମସ୍ତଙ୍କ ସହଯୋଗ ବି ମିଳିଥିଲା । ବୃକ୍ଷରୋପଣ ସମ୍ବନ୍ଧୀୟ ବିଭିନ୍ନ ବାର୍ତ୍ତାର ପୋଷ୍ଟରକୁ ବିଭିନ୍ନ ଘରର କାନ୍ଥରେ, ଗଛରେ, ଦେବାଳୟ ଆଦି ସ୍ଥାନରେ ମାରି ପଥଚାରୀଙ୍କୁ ସଚେତନ କରାଇବାରେ ପ୍ରୟାସ ରହିଛି । ବିଭିନ୍ନ ଜୀବଜନ୍ତୁଙ୍କ ପାଇଁ ନାନା ସ୍ଥାନରେ କୋଚିଲା, ଡିମ୍ବିରି, ପଳାସ, ସିମଳା, ଆଙ୍କୁଲ, କୁସୁମ, ଚାର, କେନ୍ଦୁ, ଖଜୁରି, ତାଳ ,ଆମ୍ବ, ପଣସ, ବେଲ, ଜାମୁ, ବରକୋଳି, ନିମ୍ବ ଓ ଶାଗୁଆନ ଆଦି ପ୍ରାୟ ୩୦ହଜାରରୁ ଊର୍ଦ୍ଧ୍ୱ ବୃକ୍ଷରୋପଣ କରିଛି । ଏପରି କାର୍ଯ୍ୟ ପାଇଁ ମୁଁ ବନବନ୍ଧୁ, ଜୀବବନ୍ଧୁ, ପ୍ରକୃତିବନ୍ଧୁ, ଆଜୀବନ ପରିବେଶ ସାଧକ ପୁରସ୍କାର, ମହୋପାଧ୍ୟାୟ ଚନ୍ଦ୍ରଶେଖର ସିଂହସାମନ୍ତ ହରିଚନ୍ଦନ ମହାପାତ୍ର ସମ୍ମାନ ଆଦିରେ ସମ୍ମାନିତ ହୋଇଛି । ଓଡ଼ିଶା ପରିବେଶ କଂଗ୍ରେସ ପକ୍ଷରୁ ପ୍ରଫେସର ରାଧାମୋହନ ସବୁଜଦୂତ ପୁରସ୍କାର ଏବଂ ବିଜୁ ପଟ୍ଟନାୟକ ବନ୍ୟପ୍ରାଣୀ ସଂରକ୍ଷଣ ପୁରସ୍କାର ସମେତ ବିଭିନ୍ନ ସଂସ୍ଥାରୁ ଶତାଧିକ ସମ୍ମାନ ଓ ପୁରସ୍କାର ମଧ ମିଳିଛି । ବୃକ୍ଷ ମା' ବାପାଙ୍କ ସହ ସମାନ । ତେଣୁ ବୃକ୍ଷର ସେବା ପରମ ଭଗବତ ସେବା । ଯାହା ସମସ୍ତଙ୍କ ଜୀବନର ବ୍ରତ ହେବା ଜରୁରୀ । ମୋର ଏହିସବୁ କାର୍ଯ୍ୟରେ ମୋ ପତ୍ନୀଙ୍କ ସହଯୋଗ ବି ରହିଛି । ମୋର ଏକମାତ୍ର ପୁଅ ଓ ୩ ଝିଅଙ୍କ ବିବାହ ସରିଛି । ପରିବାରର ଦାୟିତ୍ୱ ବହନ କରିବା ଭଳି ପରିବେଶର ଦାୟିତ୍ୱ ବି ସମସ୍ତେ ଉଠାଇବା ଦରକାର ।

—ବନବିହାରୀ ବେହେରା

















# ଦେବୀ

–ଗାୟତ୍ରୀ ଦାସ

'ଦିନକୁ ବାରଶ, କେଉଁଠାରୁ ଯୋଗାଡ କରିବି ଆଜ୍ଞା। ମୋତେ ସେଇ ଜେନେରାଲ ୱାର୍ଡକୁ ପଠେଇ ଦିଅନ୍ତୁ । 'ଡାକ୍ତର ବୁଝେଇଲେ, 'ବ୍ରେନ ଟ୍ୟୁମର ଅପରେସନ ହେଇଛି, ଆଇ ସି ୟୁ ରୁ ଏବେ ଆସିଛନ୍ତି। କେବିନ୍‌ରେ ନ ରହି ୱାର୍ଡରେ ରହିଲେ ଇନଫେକ୍ସନ ହେଇପାରେ। ଏତେ କଷ୍ଟ କରି ବଂଚେଇଛ, ରିସ୍କ କାହିଁକି ନେବ ? ଆଉ ଚାରି ଦିନର କଥା ତ, ଟିକେ ଆଡଜଷ୍ଟ କରିଦିଅ ।' ମୁହଁ ଶୁଖେଇ ଗାଁରେ ଥିବା ଭାଇକୁ ଫୋନ୍ ଲଗାଇଲା ଲକ୍ଷ୍ମୀ। ଔଷଧ ଆଉ ଖାଇବା ଖର୍ଚ୍ଚ ଛାଡି ଆଉ ପାଞ୍ଚ ହଜାର ଯୋଗାଡ କରିବା ପାଇଁ କହିଲା । ଧାନ ସଲେ ଫଗୁଣ ମୁଣ୍ଡ କୁ ବଡ କିଆରି ଟା ଲେଖେଇ ଦବାକୁ ଅନୁରୋଧ କଲା । ତିନି ଲକ୍ଷ ପରେ ଆଉ ଯୋଗାଡିବା ପାଇଁ ବଳ କାହିଁ ଯେ ତାର ? ଛଅ ବରଷ ହେଲା କାଳିଆକୁ ରୋଗ ଧରିଛି। ସାନରୁ ବଡ ଡାକ୍ତରଖାନା ବୁଲି ବୁଲି ଡାକ୍ତରମାନଙ୍କର ହିନମନ୍ୟତାର ଶିକାର ହୋଇ ଘରକୁ ଫେରିଛି। ପାଞ୍ଚ ବରଷ ହେଲା ପାଖ ଟିଂଗୁଡି ଫ୍ୟାକ୍ଟ୍ରିରେ କାମ କରି ଛୁଆ ଦୁଇଟି ମୁହଁରେ ଆଧାର ଦଉଚି। ସେଥିରେ ସାହସ କରି ସ୍ୱାମୀକୁ ଆଣି ପ୍ରାଇଭେଟ ହସ୍‌ପିଟାଲରେ ଆଡମିଟ କରିଛି ।

ଚେତା ଆସିବା ପରଠାରୁ କାଳିଆ ଲକ୍ଷ୍ମୀକୁ ଅନବରତ ଗାଳିକରି ଚାଲିଛି । କେତେବେଳେ ତା ସେବାକୁ ନେଇ ଅସନ୍ତୁଷ୍ଟ ତ ଆଉ କେତେବେଳେ ତା ଚରିତ୍ରକୁ ନେଇ କେବିନ୍‌ରେ ଖରାପ ଭାଷାରେ ହୋହାଲ୍ଲା କରିଛି। ତା ପୁରୁଣା କି ପ୍ୟାଡ୍ ମୋବାଇଲଟିକୁ ସନ୍ଦେହରେ ଫିଙ୍ଗି ଭାଙ୍ଗି ଦେଇଛି। ଲକ୍ଷ୍ମୀ କାକୁସ୍ଥ। କଣ ଏମିତି କରିହେବ ତା ଦେଇ ଯେମିତି ସବୁ ଠିକ ହୋଇଯିବ ! ଡାକ୍ତରଖାନା ପାଖ ବରଗଛ ତଳେ ବାଟମଙ୍ଗଳା । ମଙ୍ଗଳ କରନ୍ତି ବାଟେଘାଟେ ଯାଉଥିବା ଲୋକଙ୍କର, ଡାକ୍ତରଖାନାରେ ପଡିଥିବା ରୋଗୀଙ୍କର । ଦୌଡ଼ି ଆସି ମୁଣ୍ଡ ପିଟିଲା ସେ, ଭଲ ହେଇ ଯାଆନ୍ତୁ ସେ । କାନ୍ଥକୁ ଆଉଜି ଘରେ ବସି ଥାଆନ୍ତୁ ପଛେ ମୋ ହାତରେ ଶଙ୍ଖା ଥାଉ ।

*–ଗୀତାଗ୍ରାମ, ଅନୁଗୁଳ*
*ମୋ: ୮୨୪୯୫୮୬୪୪୩*



# ସମୟର ସଂରଚନା

–ପୂରବୀ ଶତପଥୀ

ଗୋଟିଏ ବର୍ଷ,ଗୋଟିଏ ସରୁ ଚଲାପଥ,
ସମୟ..ତିନିଶହ ପଞ୍ଚଷଠୀ ଗୋଡଥିବା
ଗୋଟେ ସରୀସୃପ,
ଯିଏ କୁଞ୍ଚିକୁଞ୍ଚି ବିସିରିପି ଯାଉଥାଏ ଆଗକୁ
ପଲକପାତରେ ପିଠିରୁ କାତି ଭଳି
ଝଡି ପଡୁଥାଏ ପ୍ରତି ମୂହୁର୍ତ୍ତର ଇତିହାସ ।

ପୁରୁଣା ଆଉ କଣ କି!
ପାହାଡ ତଳର ଗୋଟେ ନସରୁଥିବା ଛାଇ
ନୂଆ !.. ବାକି ଥିବା ପବନର ପରିଭ୍ରମଣ
ଆଲୋକର ଚାରିପାଖେ ଦୋଳାୟନ ।

ଅବିରାମ ଘୂରୁଥାଏ ସମୟର ଚକ,
ଖଞ୍ଜି ଦିଆଯାଏ ତାଜା କରିବାକୁ ପ୍ରତିଟି ଅରରେ ମୁହୂର୍ତ୍ତ ନିର୍ଦ୍ଦିଷ୍ଟ

ଯୋଉଠି ସମୟ ଖସି ପଡିଛି ଖାଇକୁ
ମଣିଷଟିଏ ତାର ଶବ ଉପରେ ଠିଆ ହେଇ ଝାଙ୍କି ଦେଖିଛି
ରାଜିନାମା ସରିଥିବା ସନ୍ଧିର ଚୁକ୍ତିପତ୍ର ।

ଭାରି ଅଦ୍ଭୁତ,ସମୟର ସଂରଚନା
ଅସାଧାରଣ ଏହାର ସାଧାରଣ ପ୍ରକରଣ ।
ଏଠି କିଛି ବି ତ ସରେନା, ଅପଚୟ ହୁଏନା !
କେବଳ ରୂପାନ୍ତର ହୁଏ,ଏକରୁ ଆରେକ ଶକ୍ତିକୁ ।

*– ସୃଷ୍ଟି ରେସିଡେନ୍ସି , ୮୮୪୭୮୨୫୬୮୮*

# ମର୍କଟ ଓ ଜହ୍ନରାତି

–ଡା. ତପନ କୁମାର ପଣ୍ଡା

ମାନଚିତ୍ର ନ–ବଦଳି
କଣ ବଦଳି ଯାଇପାରେ
ଅଲକ୍ଷ୍ୟରେ ଦେଶଟିଏ ?
ବୃଦ୍ଧ ମର୍କଟ ବସିଥାଏ
ସ୍ୱପ୍ନର ଗଛ ଡାଳରେ,
ପୂର୍ଣ୍ଣମୀର ତୋଫା ଜହ୍ନ
ମେଘର ପାହାଡ ଟପି
ଝଲମଲ ହେଉଥାଏ
ଚିତ୍ରିତ ଅଜଗର ମୁହଁରେ ।
ବୃଦ୍ଧ ମର୍କଟ ଚିତ୍ର କରୁଥାଏ
ନୂଆ ସକାଳର କାନଭାସରେ,
ଭରୁଥାଏ ଅବିଶ୍ୱାସର ଗଛପତ୍ର,
ଖଞ୍ଜୁଥାଏ ପ୍ରପଞ୍ଚର ରକ୍ତ ଖେଳ
ନଦୀକୁ ରଙ୍ଗ ଦିଏ ହିଂସାରେ
ବାଟକୁ ଓଗାଳେ ଧର୍ମର ଦ୍ୱାହିରେ,
ନିଷିଦ୍ଧ ରାତିରେ ଖଞ୍ଜିଚାଲେ
ଧର୍ମ ଆଉ ଅଧର୍ମର ବୁଢିଆଣୀ ଜାଲ ।
ବୃଦ୍ଧ ମର୍କଟ ବଖାଣୁଥାଏ
କେତେ ଲୋଡ଼ା ବକଧର୍ମର ନ୍ୟାୟ,
ପ୍ରଲୋଭିତ କରେ ମୂର୍ଖ ମର୍କଟଙ୍କୁ
ଯେ ବିନା ଜହ୍ନରେ କେମିତି
ଅପୂର୍ଣ୍ଣ ରହିଯିବ ଆଗାମୀର ସୁର୍ଯ୍ୟୋଦୟ ।
ବୃଦ୍ଧ ମର୍କଟ ଧୋ ବାୟାରେ ଶୁଆଇଦିଏ
ମଧ୍ୟବିତ୍ତ ମର୍କଟଙ୍କୁ ବରଫ ମଶାଣିରେ,
ଅଜଗର ଆଁରେ ଦେଖାଏ ପୂର୍ଣ୍ଣମୀ ଜହ୍ନକୁ,
ଜରଦଗବର କାନ କୁହାରେ ବୁଝାଏ
କେତେ ଚମତ୍କାର ଏ ନୂଆ ଜହ୍ନ ଧରିବାକୁ !
ସବା ତଳ ଡାଳର ମର୍କଟ ଦେଖେ
କେତେ ମାଗଣାରେ ମିଳେ ସୁଖ,
ବୃଦ୍ଧ ମର୍କଟର ମାୟାବୀ ଡାକରେ
ମିଛରେ ସବୁ ମର୍କଟ ଡିଆଁନ୍ତି
ପୂର୍ଣ୍ଣମୀର ଜହ୍ନ ଧରିବାକୁ,
ଆହା ! ଅଜଗର ଆଁ ରେ ଢଳଢଳ
ବିମ୍ବିତ ଯେତେ ଯାଦୁକରୀ କୋଶଳ ।
ସବୁ ଥାଏ ପୃଥିବୀରେ
ବାଘର ପଞ୍ଝା, ହରିଣର ଆଖି,
ଶୃଙ୍ଖଳା ଥନରେ ଝୁଲା ଆଗାମୀର ସ୍ୱପ୍ନ,
କୁନିଝିଅର ଛାତିରେ ପିଶାଚର ଦାଗ,
ନିରୀହ କୁଆଁରୀର ବିଖଣ୍ଡିତ ଦେହରେ
ଆଙ୍କି ହୋଇଥାଏ ଭୋଗ ଆଉ ଭାଗ,
ଶ୍ମଶାନରେ ଜାଳୁଥାନ୍ତି ସବୁ ହରିଶ୍ଚନ୍ଦ୍ର
କେତେ କେତେ ରୋହିତାଶ୍ୱଙ୍କ ଶବ ।
ବଦଳେନି ପୃଥିବୀରେ ମର୍କଟଙ୍କ ଭାଗ୍ୟ ।

*–ହାଇଦ୍ରାବାଦ*
*ମୋ– ୭୦୮୨୪୬୪୮୦୦*




ସନି

# ଫେରୁଛନ୍ତି ତାରା ସିଂ

ଥରେ ମନେ ପକାନ୍ତୁ ନା ଦେଶାତ୍ମବୋଧକ ପୃଷ୍ଠଭୂମି ଉପରେ ନିର୍ମିତ ଚଳଚ୍ଚିତ୍ର 'ଗଦ୍ଦର-ଏକ ପ୍ରେମ କଥା'କୁ। ଏଥିରେ ତାରା ସିଂ ଭୂମିକାରେ ଅବତୀର୍ଣ୍ଣ ହୋଇଥିଲେ ସନି ଦେଓଲ। କେବଳ ଏହି ଭୂମିକା ନୁହେଁ, ଫିଲ୍ମଟି ଦର୍ଶକଙ୍କୁ କେତେ ପ୍ରଭାବିତ କରିଥିଲା ତାହା କହିବା ବାହୁଲ୍ୟ। ଏଥିରେ ସଂଯୋଜିତ 'ମେଁ ନିକ୍‌ଲା ଗାଡି ଲେ କେ'କୁ ଏବେ ମଧ୍ୟ ଯୁବପିଢ଼ୀ ଗୁଣୁଗୁଣେଇ ଥାଆନ୍ତି। ଦର୍ଶକ ଖୁବ୍ ଶୀଘ୍ର ଏହି ଭୂମିକାରେ ସନିଙ୍କୁ ପୁଣିଥରେ ଦେଖିବାକୁ ପାଇବେ। ଫିଲ୍ମଟି ହେଲା 'ଗଦ୍ଦର-୨'। 'ଗଦ୍ଦର' ରିଲିଜ ହେବାର ୨୦ ବର୍ଷ ପରେ ଏହାର ସିକୁଏଲ୍ ନିର୍ମିତ ହେବାକୁ ଯାଉଛି। ଆଉ ଏପରି ରୋଲ୍‌କୁ ନେଇ ବେଶ୍ ଉତ୍ସାହିତ ଅଛନ୍ତି ସନି। ଏ ସମ୍ପର୍କରେ ସେ କହନ୍ତି, 'ଯେତେବେଳେ ମୁଁ ଜାଣିଲି ଯେ ଏହି ଫିଲ୍ମର ସିକୁଏଲ୍ ନିର୍ମିତ ହେବାକୁ ଯାଉଛି ସେତେବେଳେ ମୋ ଖୁସିର ସୀମା ରହି ନ ଥିଲା। କାରଣ ପ୍ରଥମ ସିନେମାକୁ ଦର୍ଶକ ଯେମିତି ଗ୍ରହଣ କରିଥିଲେ ଏହି ସିକୁଏଲକୁ ମଧ୍ୟ ପସନ୍ଦ କରିବେ ବୋଲି ଦୃଢ଼ ବିଶ୍ୱାସ ରହିଛି। ତେବେ 'ଗଦ୍ଦର-୨' ବକ୍ସ ଅଫିସରେ କି କମାଲ କରୁଛି ତାହା ରିଲିଜ ପରେ ଜଣାପଡିବ।

# କୋଙ୍କଣାଙ୍କ ପ୍ରଶଂସାରେ ଅଦିତି

ଅଦିତି ରାଓ ହାଇଦରିଙ୍କ ଖୁସି କହିଲେ ନ ସରେ। କାରଣ ସେ ଯାହା ଚାହୁଁଥିଲେ ତାହା ଯେ ଏତେ ଶୀଘ୍ର ପୂରଣ ହୋଇଯିବ ସେପରି କଥାକୁ ବିଶ୍ୱାସ କରିପାରୁନାହାନ୍ତି। ଗୋଟିଏ ପଟେ ନିର୍ଦ୍ଦେଶକ ନୀରଜ ଘେଓ୍ୱନଙ୍କ ଫିଲ୍ମରେ କାମ କରିବାର ସୁଯୋଗ ମିଳିଛି। ଅନ୍ୟପଟେ ସେ ବିଶିଷ୍ଟ ଅଭିନେତ୍ରୀ କୋଙ୍କଣା ସେନ୍ ଶର୍ମାଙ୍କ ସହ ମିଶି ମୁଖ୍ୟ ଚରିତ୍ରରେ ଅଭିନୟ କରିଛନ୍ତି। ଆଉ ଯୁଆଡେ ଯାଉଛନ୍ତି କୋଙ୍କଣାଙ୍କୁ ଭୁରି ଭୁରି ପ୍ରଶଂସା କରୁଛନ୍ତି। କଥା କ'ଣ କି ନୀରଜ ଘେଓ୍ୱନଙ୍କ ନିର୍ଦ୍ଦେଶିତ 'ଗିଲି ପୁଚି'ରେ ଅଦିତିଙ୍କ ଅଭିନୟ ଦର୍ଶକଙ୍କୁ ବେଶ୍ ପ୍ରଭାବିତ କରିଛି। ଏଥିରେ ସେ ଯୌନ ନିର୍ଯ୍ୟାତନାର ଶିକାର ହୋଇଥିବା ଜଣେ ମହିଳା ଭୂମିକାରେ ଅଭିନୟ କରିଛନ୍ତି। ଏ ସମ୍ପର୍କରେ ଅଦିତି କହନ୍ତି, 'କୋଙ୍କଣାଙ୍କ ପରି ଅଭିନେତ୍ରୀଙ୍କ ସହ କାମ କରିବାର ସୁଯୋଗ ଭାଗ୍ୟରେ ଥିଲେ ମିଳେ। ଏହି ଫିଲ୍ମରେ ଅଭିନୟ କରିବା ପରେ ମୁଁ ଆକ୍ଟିଂ ବିଷୟରେ ଅନେକ କଥା ତାଙ୍କ ପାଖରୁ ଶିଖିପାରିଛି। ଯେତେବେଳେ ଏହି ଅଫର ମୋତେ ମିଳିଲା ସେତେବେଳେ ଆଖିବୁଜି ହଁ ଭରିଥିଲି। ଏଥିରେ ମୋ ଭୂମିକାକୁ ଦର୍ଶକ ଗ୍ରହଣ କରିଛନ୍ତି ତାହା ମୋ ପାଇଁ ବଡ କଥା।'


ଅଦିତି


ଦୀପିକା

# ଅଲରାଉଣ୍ଡର ଆଲ୍ଲୁ ଅର୍ଜୁନ

ଦକ୍ଷିଣ ଭାରତୀୟ ସିନେମାରେ ଆଲ୍ଲୁ ଅର୍ଜୁନ କେତେ ଲୋକପ୍ରିୟ ତାହା କହିବା ଅନାବଶ୍ୟକ। ଭୂମିକାଟି ଯେଉଁପରି ହେଉ ନା କାହିଁକି, ତାହାକୁ ଫୁଟାଇବାରେ ସେ କେତେ ଏକ୍ସପର୍ଟ ତାହାର ଅନେକ ଉଦାହରଣ ରହିଛି। କେବଳ ଅଭିନୟ ନୁହେଁ ଜଣେ ବ୍ୟକ୍ତିର ଅବିକଳ ଛବି ଆଙ୍କିପାରନ୍ତି ସେ। ତାଙ୍କର ସବୁଠାରୁ ମନ ପସନ୍ଦର ଅଭିନେତା କିଏ ଜାଣନ୍ତି ? ଚିରଞ୍ଜିବୀ। ଖାସ୍ କଥା ହେଲା ଚିରଞ୍ଜିବୀ ଅଭିନୟ କରିଥିବା ତେଲୁଗୁ ଫିଲ୍ମ 'ବିଜେତା'ରେ ଜଣେ ଶିଶୁ କଳାକାର ଭାବରେ ଅଭିନୟ କରିଥିଲେ ଆଲ୍ଲୁ। ସେତେବେଳେ ତାଙ୍କୁ ହୋଇଥିଲା ମାତ୍ର ଦୁଇ ବର୍ଷ। ୨୦୦୨ରେ ମୁକ୍ତିଲାଭ କରିଥିବା ତେଲୁଗୁ ଫିଲ୍ମ 'ଗଙ୍ଗୋତ୍ରୀ'ରେ ସେ ନାୟକ ଭାବେ ଡେବ୍ୟୁ କରିଥିଲେ। ପରବର୍ତ୍ତୀ ସମୟରେ ନିଜ ଅଭିନୟ ଦକ୍ଷତାରେ ସେ ତେଲୁଗୁ ସିନେମାରେ ନିଜକୁ ଜଣେ ଲୋକପ୍ରିୟ ଅଭିନେତା ଭାବରେ ପରିଚିତ କରାଇ ପାରିଛନ୍ତି। ବିଶେଷଭାବରେ ତାଙ୍କ ଡ୍ୟାନ୍ସ ଷ୍ଟାଇଲ ଯୁବପିଢ଼ୀଙ୍କୁ ଅଧିକ ପ୍ରଭାବିତ କରିପାରିଛି। ବାହାରକୁ ବୁଲିବାକୁ ଯିବା ହେଉ ଅବା ଶୁଟିଂ ସେଟ୍‌କୁ ଯିବା, ସେ ସବୁବେଳେ ସାଙ୍ଗରେ କ୍ୟାମେରା ନେଇଥାଆନ୍ତି। ପ୍ରାକୃତିକ ଦୃଶ୍ୟରାଜିକୁ କ୍ୟାମେରାରେ ଉତ୍ତୋଳନ କରିବା ତାଙ୍କର ଆଉ ଏକ ହବି।


ଆଲ୍ଲୁ ଅର୍ଜୁନ

# ଟୁ-ଇନ୍-ଓ୍ୱାନ୍ ବବି

ଆଲବମ୍ ଜଗତରେ ଦର୍ଶକଙ୍କ ହୃଦୟରେ ସ୍ୱତନ୍ତ୍ର ସ୍ଥାନ ଅଧିକାର କରିବା ପରେ ବବି ମିଶ୍ର ପାଦ ଦେଇଥିଲେ ଓଲିଉଡ୍‌ରେ। 'ଜୟ ଶ୍ରୀରାମ' ଫିଲ୍ମରେ ତାଙ୍କୁ ନାୟକ ଭାବରେ ଦେଖିବାକୁ ମିଳିଥିଲା। ଏବେ ସେ ନିଜସ୍ୱ କାହାଣୀକୁ ନେଇ ନିର୍ମାଣ କରିବାକୁ ଯାଉଛନ୍ତି ଗୋଟିଏ ଓଡ଼ିଆ ଚଳଚ୍ଚିତ୍ର 'ଫେରିଲେ ମୁଁ ତୁମର'। ହୋମ ବ୍ୟାନର 'ବବି ମିଶ୍ର ଫିଲ୍ମସ'ରେ ସେ ଏହାକୁ ନିର୍ମାଣ କରୁଛନ୍ତି। ଏହାର ଚିତ୍ରନାଟ୍ୟ ଏବଂ ସଂଳାପ ରଚନା କରିଛନ୍ତି ଡ. ରଜନୀ ରଞ୍ଜନ। ଚିତ୍ରର ମୁଖ୍ୟ ଭୂମିକାରେ ଅଭିନୟ କରିବେ ସମ୍ବିତ ଏବଂ ତୃପ୍ତି। ବବିଙ୍କୁ ମଧ୍ୟ ଏଥିରେ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକାରେ ଦେଖିବାକୁ ମିଳିବ। ଫିଲ୍ମରେ ସଂଯୋଜିତ ଗୀତଗୁଡିକୁ ସ୍ୱର ଦେଇଛନ୍ତି ବି.ଏମ.କେ.।


ଜାହ୍ନବୀ

# ଡାକ୍ତର ହୋଇଥାନ୍ତେ ଜାହ୍ନବୀ

ଜାହ୍ନବୀ ଯେତେବେଳେ ପାଠ ପଢୁଥିଲେ ସେତେବେଳେ ତାଙ୍କର ଗୋଟିଏ ଆଶା ଥିଲା। ସେ ହେଉଛି ଡାକ୍ତର ହେବା। ହେଲେ ତାହା ପୂରଣ ହୋଇପାରି ନ ଥିଲା। ତେବେ କଳାକାର ପରିବାରରେ ଜନ୍ମ ହୋଇଥିବାରୁ ପିଲାଟି ଦିନରୁ ଅଭିନୟ ପ୍ରତି ମଧ୍ୟ ତାଙ୍କର ରୁଚି ଥିଲା। ଶେଷରେ ବଡ ପରଦାକୁ ନିଜ କ୍ୟାରିୟର ଭାବରେ ବାଛି ନେଇଥିଲେ ଶ୍ରୀଦେବୀ ତନୟା ଜାହ୍ନବୀ କପୁର। ତେବେ ଜାଣନ୍ତିକି ତାଙ୍କର ନାମକରଣ ପଛରେ ଏକ ମଜାଦାର କଥା ରହିଛି। ଶ୍ରୀଦେବୀଙ୍କ ଅଭିନିତ 'ଜୁଦାଇ' ଚଳଚ୍ଚିତ୍ର ରିଲିଜ ହୋଇ ସଫଳତା ପାଇବାର ୬ ଦିନ ପରେ ହିଁ ଜାହ୍ନବୀ ଜନ୍ମ ଗ୍ରହଣ କରିଥିଲେ। ଉକ୍ତ ଚଳଚ୍ଚିତ୍ରରେ ଉର୍ମିଳା ମାତୋଣ୍ଡକରଙ୍କ ନାମ ଥିଲା ଜାହ୍ନବୀ। ଏହି ନାମଟି ଶ୍ରୀଦେବୀଙ୍କୁ ଏତେ ଭଲ ଲାଗିଥିଲା ଯେ, ପରବର୍ତ୍ତୀ ସମୟରେ ସେ ନିଜ ଜ୍ୟୋଷ୍ଠ କନ୍ୟାର ନାମ 'ଜାହ୍ନବୀ' ଦେଇଥିଲେ। 'ଧଡକ୍'ରୁ କ୍ୟାରିୟର ଆରମ୍ଭ କରିଥିବା ଏହି ଷ୍ଟାର୍ କିଡ୍ ଲଙ୍ଗ ଟ୍ରିପ୍‌ରେ ଯିବାକୁ ପସନ୍ଦ କରିଥାଆନ୍ତି।

# ମନ ମୋର କାଗଜ ଗୁଡ଼ି

ସୁମିତ୍ରା ଏଣ୍ଟରଟେନମେଣ୍ଟ ବ୍ୟାନରରେ ପ୍ରସ୍ତୁତ ହୋଇଛି ନୂଆ ଓଡ଼ିଆ ସିନେମା 'ମନ ମୋର କାଗଜ ଗୁଡ଼ି'। ଏକ ଭିନ୍ନ ଧରଣର ଲଭ୍ ଷ୍ଟୋରିକୁ ଆଧାର କରି କାହାଣୀ ଗତିଶୀଳ। ଏଥିରେ ଲଭ୍ ବ୍ୟତୀତ ଇମୋଶନ, ଫ୍ୟାମିଲି ଡ୍ରାମା ଏବଂ ଆକ୍ସନ ମଧ୍ୟ ରହିଛି। ଶିବିର ପରିଡ଼ା ଏବଂ ବିବେକାନନ୍ଦ ବାରିକଙ୍କ ପ୍ରଯୋଜିତ ଏହି ସିନେମାର ନିର୍ଦ୍ଦେଶନା ଭାର ସମ୍ଭାଳିଛନ୍ତି ଦେବଜ୍ୟୋତି ପାତ୍ର (ଦୀପୁ)। ଏହାପୂର୍ବରୁ ସେ ପ୍ରାୟ ୫୦ରୁ ଊର୍ଦ୍ଧ୍ୱ ଓଡ଼ିଆ ସିନେମାର ମୁଖ୍ୟ ସହକାରୀ ନିର୍ଦ୍ଦେଶକ ଭାବରେ କାମ କରିସାରିଛନ୍ତି। ଉଭୟ ପ୍ରଯୋଜକ ଏବଂ ନିର୍ଦ୍ଦେଶକ ପ୍ରଥମ ଥର ପାଇଁ ଏପରି ଦାୟିତ୍ୱ ତୁଲାଉଛନ୍ତି। ଚିତ୍ରଟିର ନାୟକ ଭୂମିକାରେ ଅଭିନୟ କରୁଛନ୍ତି ରାକେଶ ଏବଂ ତାଙ୍କର ନାୟିକା ସାଜିଛନ୍ତି ବୁଲବୁଲି ଭୂମିକା। ବସନ୍ତରାଜ ସାମଲ ଏବଂ ସୁବ୍ରତ ସ୍ୱାଇଁଙ୍କ ରଚିତ ଗୀତଗୁଡିକୁ ସ୍ୱର ଦେଇଛନ୍ତି ଜାପାନୀ ଭାଇ। ଦିବ୍ୟସିଂହ ରାୟଙ୍କ କାହାଣୀକୁ ଆଧାର କରି ସଂଳାପ ଲେଖିଛନ୍ତି ମାନସ ପଡ଼ିହାରୀ। ଜିତୁ, ସୀମା, ଲିପୁନ୍, ସଞ୍ଜୟ, ଭକ୍ତି, ଜ୍ଞାନ, ପ୍ରୀତି, ନାଗେଶ, ଗୁଡି ପ୍ରମୁଖ କଳାକାରଙ୍କୁ ଏଥିରେ ଦେଖିବାକୁ ମିଳିବ।


ଭୂମିକା-ରାଜେଶ

# ଦୀପିକା ହିଁ ବେଷ୍ଟ

ଭାରତୀୟ କ୍ରିକେଟ ଜଗତର ବିଶିଷ୍ଟ ଅଲରାଉଣ୍ଡର ତଥା ଭାରତକୁ ପ୍ରଥମ ବିଶ୍ୱକପ୍ ବିଜୟର ସ୍ୱାଦ ଚଖାଇଥିବା କପିଳ ଦେବଙ୍କ ଜୀବନୀକୁ ନେଇ ନିର୍ମିତ '୮୩'ରେ ଦୀପିକା ପାଦୁକୋନ୍‌ଙ୍କୁ କପିଳଙ୍କ ପତ୍ନୀ ଭୂମିକାରେ ଦେଖିବାକୁ ମିଳିଛି। ତେବେ ଏହି ଭୂମିକା ପାଇଁ କାହିଁକି ତାଙ୍କୁ ସିଲେକସନ କରାଗଲା ତାକୁ ନେଇ କେତେକ ପ୍ରଶ୍ନ ଉଠାଇବା ପରେ ଏହାର ନିର୍ଦ୍ଦେଶକ କବୀର ଖାଁ ତାହାର ସଫେଇ ଦେଇଛନ୍ତି। ସେ କହିଛନ୍ତି ଯେ, ଏହି ରୋଲ୍ ପାଇଁ ମୁଁ ପୂର୍ବରୁ କେବଳ ଦୀପିକାଙ୍କୁ ସାଇନ କରିବି ବୋଲି ସ୍ଥିର କରିନେଇଥିଲି। ରିଲିଜ ପରେ ତାଙ୍କର ଅଭିନୟ ବେଶ୍ ସୁନ୍ଦର ହୋଇଛି ବୋଲି କହିବି। ଏହି ଫିଲ୍ମରେ ରଣବୀର-ଦୀପିକା ଯୋଡିକୁ ଦର୍ଶକ ଗ୍ରହଣ କରିଛନ୍ତି ତାହା ମୋ ପାଇଁ ବଡ କଥା। ମୋ ମତରେ ଦୀପିକା ଜଣେ ଉଚ୍ଚକୋଟୀର ଅଭିନେତ୍ରୀ। ସବୁ ପ୍ରକାର ରୋଲ୍‌କୁ ତୁଲାଇବାରେ ସେ ବେଶ୍ ସିଦ୍ଧହସ୍ତ। ମୋର ଏକ ଆଗାମୀ ସିନେମାର ତାଙ୍କୁ ମୁଁ ସାଇନ୍ କରାଇବାକୁ ଯୋଜନା କରୁଛି।' କବୀରଙ୍କ ପରବର୍ତ୍ତୀ ସିନେମାରେ ରଣବୀର ସିଂ ମୁଖ୍ୟ ଭୂମିକାରେ ଅଭିନୟ କରିବାର ମଧ୍ୟ ଯୋଜନା ଅଛି।

## ପ୍ରଥମ ରୋଜଗାର

ନାଟ୍ୟକାର **ରାମଚନ୍ଦ୍ର ମିଶ୍ର** ନିଜ ପ୍ରଥମ ରୋଜଗାର ସମ୍ପର୍କରେ ଯାହା କୁହନ୍ତି...



# ପ୍ରଥମ ଦରମା ଟଙ୍କାକୁ ବୋଉ ହାତରେ ଦେଇଥିଲି

୧୯୬୩ ମସିହାର କଥା। ସେତେବେଳେ ମୁଁ ରେଭେନ୍ସା କଲେଜରେ ମାଥମେଟିକ୍ସରେ ଏମ୍‌ଏସ୍‌ସି କରୁଥାଏ। ସେବେ ଗୋଟେ ନିୟମ ଥିଲା, ଯଦି ଏମ୍‌ଏସ୍‌ସିରେ ୪୮%ରୁ କମ୍ ମାର୍କ ରହିବ, ତା'ହେଲେ ଅଧ୍ୟାପକ ଚାକିରି ମିଳିବ ନାହିଁ। ମୋର ଟିକେ ଭୟ ହେଲା। କାଳେ ପରୀକ୍ଷାରେ ଭଲ ନହେବ, ସେଥିପାଇଁ ସେହି ବର୍ଷ ମୁଁ ପରୀକ୍ଷା ନ ଦେଇ ଜାଣିଶୁଣି ଫେଲ୍ ହୋଇଗଲି। କାରଣ ଫେଲ୍ ହୋଇ ଆଉ ଥରେ ପଢି ଭଲ ମାର୍କ ରଖିଲେ ସେତେବେଳେ ଅଧ୍ୟାପକ ଚାକିରି ମିଳିଯାଉଥିଲା। କିନ୍ତୁ ଥରେ ୪୮%ରୁ କମ୍ ମାର୍କ ରହିଗଲେ ଆଉ ଅଧ୍ୟାପକ ଚାକିରି ମିଳୁ ନଥିଲା। ତେଣୁ ସେ ଥରକ ପରୀକ୍ଷା ନ ଦେଇ ଆଉ ଥରେ ପଢିବାକୁ ମୁଁ ମନେ ମନେ ସ୍ଥିର କରିନେଲି। କିନ୍ତୁ ଆଉ ଥରେ ଫର୍ମଫିଲପ୍ କରି ପଢିବାକୁ ତ କିଛିଦିନ ସମୟ ଲାଗିବ। ଖାଲିଟାରେ ସେ ସମୟକୁ କାହିଁକି ନଷ୍ଟ କରିବି ବରଂ ଚାକିରି କରିବା ଭଲ ଭାବି ନୟାଗଡ଼ କଲେଜରେ ଲାବ୍ରୋଟୋରୀ ଆସିଷ୍ଟାଣ୍ଟ ଭାବେ କାମ କରିବାକୁ ଲାଗିଲି। ମାସକୁ ଦରମା ୧୭୦ ଟଙ୍କା ମିଳୁଥିଲା। ପ୍ରଥମ ମାସ ଯେବେ ଦରମା ପାଇ ଘରକୁ ଗଲି ନନା କାହାନ୍ତି ବୋଲି ଖୋଜିଲି। ନନା ଘରେ ନଥିବାରୁ ବୋଉ ହାତରେ ଦରମା ଟଙ୍କାଟିକୁ ଧରାଇଦେଲି। ସେ କିନ୍ତୁ ବାରମ୍ବାର ମନା କରୁଥିଲା, ହେଲେ ମୁଁ ତାକୁ ବାଧ୍ୟ କରି ରଖିବାକୁ କହିଲି। ସେଦିନ ମାଉସୀ ଆମ ଘରକୁ ଆସିଥାନ୍ତି। ମୋ ଦରମା ପାଇବା କଥା ଶୁଣି ସେ ବୋଉକୁ ପଚାରିଲେ– ତୋ ପୁଅ କେତେ ଦରମା ପାଇଛି କି? ବୋଉ କହିଲା– 'ମୋ ପୁଅ ଆଠ କୋଡି ଦଶ ପାଇଛି'। ଏହା ଶୁଣି ମାଉସୀ କାବା ହୋଇ ବୋଉକୁ କହିଲେ, 'କ'ଣ ହେଲା, ତୋ ପୁଅ ଏତେ ଦରମା ପାଇଛି, ହେଲେ ମୋ ପୁଅ କିନ୍ତୁ ବହୁତ କମ୍ ଦରମା ପାଉଛି।' ଏମିତି କିଛି ସମୟ କଥାବାର୍ତ୍ତା ପରେ ମୁଁ ଖାଇପିଇ ଶୋଇପଡିଲି। ପରଦିନ ସକାଳେ ମୁଁ କଲେଜ ବାହାରିଲାବେଳେ ଦେଖିଲି ମୋ ପକେଟ୍‌ରେ ସେହି ୧୭୦ ଟଙ୍କା ପୁଣି ପସିଛି। ବୋଉକୁ ପଚାରିବାରୁ ସେ କହିଲା– 'ତୁ ମୋତେ ଯେଉଁ ଟଙ୍କା ଦେଲୁ, ସେଇଟା ମୋର ଧନ ହୋଇଗଲା। ଆଉ ମୋ ଧନକୁ ମୁଁ ଯାହାକୁ ଇଚ୍ଛା ହେଲା ତାକୁ ଦେଲି, ସେଥିରେ ଅସୁବିଧା ରହିଲା କେଉଁଠି।' ଏକଥା ଶୁଣି ମୁଁ ଆଉ କ'ଣ କହିବି। ମୋ ପାଟି ସେତିକିରେ ବନ୍ଦ ହୋଇଗଲା। ବୋଉ ମୋ ମୁଣ୍ଡକୁ ଟିକେ ଆଉଁସି ଦେଇ କହିଲା– 'ଏବେ ଖୁସିରେ ତୁ କଲେଜ ଯା।' ବୋଉର ସେହି ଆଶୀର୍ବାଦ ବୋଳା ହାତ ମୋତେ ମୋ ଲକ୍ଷ୍ୟ ପଥରେ ପହଁଞ୍ଚିବାକୁ ଅନେକ ସାହାଯ୍ୟ କରିଛି। ମୋର ଲକ୍ଷ୍ୟ ଥିଲା ମୁଁ ଅଧ୍ୟାପକଟିଏ ହେବି। ତା'ରି ଆଶୀର୍ବାଦରୁ ମୁଁ ପୁଣିଥରେ ଏମ୍‌ଏସ୍‌ସି ପଢି ଭଲ ମାର୍କ ରଖି ଅଧ୍ୟାପକ ଚାକିରି ପାଇଲି ଏବଂ ୨୦୦୦ ମସିହାରେ ପ୍ରିନ୍ସିପାଲ୍ ହୋଇ ଚାକିରିରୁ ଅବସର ନେଲି। ତା'ସହିତ ନାଟକ ପ୍ରତି ଦୁର୍ବଳତା ଥିବାରୁ ଅନେକ ନାଟକ ପୁସ୍ତକ ମଧ୍ୟ ରଚନା କଲି। ଶୋଣିତ ସ୍ୱାକ୍ଷର, ଅନେକ ଛାଇ ଅସରନ୍ତି ଅନ୍ଧାର, ଏକ ସୂର୍ଯ୍ୟ ଅନେକ ପୃଥିବୀ, ମରୁ ମନ୍ଥନ, ଏକାନ୍ତ ନିଜସ୍ୱ, ବାଲ୍ମିକୀ ଉବାଚ, ଆମେ ଅକିଞ୍ଚନ, ନାୟିକାର ନାଁ ଲୁସି, ଏମିତି ଚାଲିଛି ଇତ୍ୟାଦି ହେଉଛି ମୋ ଲିଖିତ କେତୋଟି ପ୍ରମୁଖ ନାଟକ। ତନ୍ମଧ୍ୟରୁ ଅନେକ ନାଟକ ଇଂରାଜୀ ଭାଷାରେ ଅନୁବାଦ ମଧ୍ୟ ହୋଇଛି। ଏପରିକି ଏକାନ୍ତ ନିଜସ୍ୱ ନାଟକକୁ ଓଡ଼ିଶା ସାହିତ୍ୟ ଏକାଡେମୀ ପୁରସ୍କାର ମଧ୍ୟ ମିଳିଛି। ସେହିପରି ପୁନଶ୍ଚ ଆଲୋକ, ଗାନ୍ଧାରୀର ଅଶ୍ରୁ, ବଂଶବୃକ୍ଷ, କଢିମା ଇତ୍ୟାଦି ହେଉଛି ମୋ ଲିଖିତ କେତୋଟି ଏକାଙ୍କିକା ସଂକଳନ।

–ଅମ୍ବିତା

# ରଙ୍ଗିଲା ରାଧିକା ଭାରି ଚାତୁରୀ, ଲୁଚି ଲୁଚି ମନ କରିଛି ଚୋରି

## ସାଥୀ



**ପ୍ରଶ୍ନ–**ଲାଜରୁ ପ୍ରେମର ସୃଷ୍ଟି ବୋଲି ଅନେକ କହନ୍ତି। ଏପରି ଏକଥା ପଛରେ କେତେ ସତ୍ୟତା ରହିଛି କହିବେ କି ସାଥୀ ?

*–ପ୍ରମୋଦ କୁମାର, କେନ୍ଦ୍ରାପଡା*

**ଉତ୍ତରः** କେତେକ ଝିଅ ପ୍ରେମର ପ୍ରଥମ ପାହାଚରେ ପାଦ ଦେବା ସମୟରେ ଲାଜ କରନ୍ତି। ଆଉ ସେହି ଲାଜରେ ଅନେକ କଥା ଲୁଚି ରହିଥାଏ। ବାସ୍, ତାହାକୁ ପଢ଼ିବାକୁ କେବଳ ଟିକେ ବୁଦ୍ଧି ଖଟାନ୍ତୁ। ହୁଏତ ସେହି ଲାଜୁଆ ଇସାରାରେ ଆପଣଙ୍କ ମନ ତା' ନିକଟରେ ବନ୍ଧା ପଡିଯାଇପାରେ। ଯଦି କୌଣସି ଝିଅର ଲାଜରୁ ଆପଣ ପ୍ରେମ ସମ୍ପର୍କରେ କିଛି ସୂଚନା ପାଉଛନ୍ତି, ତେବେ ବେଳକାଳ ଦେଖି ବହି ଫିଟ୍ କରିଦିଅନ୍ତୁ। ନ ହେଲେ ଚାନ୍ସଟା ହୁଏତ ହାତରୁ ଖସି ଯାଇପାରେ।

**ପ୍ରଶ୍ନ–**ଥରେ ଜଣେ ସୁନ୍ଦରୀ ସହ ଭେଟ ହେଲା। କିଛି ସମୟ କଥାବାର୍ତ୍ତାରେ ମୋତେ ଯେମିତି ଲାଗିଲା ସେ ମୋ ମନକୁ କିଣିନେଇଛି। ଆଉ ତା' ସହ ଭେଟ ହେଉନାହିଁ। ମୁଁ ଏବେ କ'ଣ କରିବି କହିବେ କି ସାଥୀ ?

*–ଅଜିତ ସାହୁ, ଭୁବନେଶ୍ୱର*

**ଉତ୍ତରः** ଯେତେବେଳେ ସେହି ସୁନ୍ଦରୀ ସହ ଭେଟ ହେଲା, ତାହାର ଠିକଣା ପଚାରି ବୁଝିବାକୁ ବୋଧହୁଏ ଭୁଲି ଯାଇଛନ୍ତି। ଯାହାକୁ ମନ ଦେଇ ବସିଛନ୍ତି ତାହାର କିଛି ଠା' ଠିକଣା ଆପଣଙ୍କ ପାଖରେ ନାହିଁ। ଏମିତି ବି ହୋଇପାରେ ସେହି ସୁନ୍ଦରୀ ମଧ୍ୟ ଆପଣଙ୍କ ମନକୁ ଚୋରି କରିନେଇଛି। 'ରଙ୍ଗୀଲା ରାଧିକା ଭାରି ଚତୁରୀ, ଲୁଚି ଲୁଚି ମନ କରିଛି ଚୋରି।' ତେଣୁ ଅପେକ୍ଷା କରନ୍ତୁ। ହୁଏତ ଏପରି ଲୁଚକାଳି ଖେଳର ହଠାତ୍ ପରିସମାପ୍ତି ଘଟିପାରେ। ହୁଏତ ସେ ଆପଣଙ୍କୁ ଖୋଜି ଖୋଜି ଆପଣଙ୍କ ନିକଟରେ ପହଞ୍ଚି ଯାଇପାରେ !

**ପ୍ରଶ୍ନ–**ଯାହା ସହ ମୋ ମନ ପ୍ରଥମ ଥର ମିଶିଥିଲା, କେତେକ କାରଣରୁ ସେ ମୋତେ ଅଧା ବାଟରେ ଛାଡି ଚାଲିଗଲା। ହେଲେ ମୋର ପ୍ରଥମ ପ୍ରେମିକାକୁ ସହଜରେ ପାଶୋରି ପାରୁନି। ପୁଣି ଆଉ ଜଣେ ଝିଅ ମୋତେ ପ୍ରେମ କରିବସିଚି। ଏବେ କ'ଣ କରିବି ?

*–ସମ୍ପଦ କୁମାର, ବ୍ରହ୍ମପୁର*

**ଉତ୍ତରः** ଯାହାକୁ ପ୍ରଥମେ ମନ ପ୍ରାଣ ଦେଇ ଭଲ ପାଉଥିଲେ ଆଉ ତା' ହାତ ଧରି ଅନେକ ବାଟ ଆଗେଇ ଯାଇଥିଲେ ସେ ତ ଅଧା ବାଟରେ ଛାଡି ଚାଲିଗଲା। ଏବେ ତାକୁ ମନେ ପକାଇବା ଅର୍ଥ ପୁରୁଣା ଘା'କୁ ପୁଣି ଥରେ ଉଖୁରାଇବା। ତା'ପରେ ଆପଣ ଆଉ ଜଣେ ନୂଆ ପ୍ରେମିକାକୁ ସାଥୀ କରିସାରିଲେଣି। ହେଲେ ପ୍ରଥମ ପ୍ରେମିକାକୁ ଭୁଲି ପାରୁ ନାହାନ୍ତି। ପ୍ରେମରେ ଧୋକା ଖାଇବା ପରେ ସେହି ପ୍ରତାରଣାର ନିଆଁ ମନ ଭିତରେ କୁହୁଳି କୁହୁଳି ଜଳୁଥାଏ, ଆଉ ସେହି ଦହନରେ ସବୁ କିଛି ପିତା ପିତା ଲାଗେ। ଏବେ ଯାହାକୁ ପ୍ରେମ କରୁଛନ୍ତି ଯଦି ତାହା ସହ ଆଗେଇବାକୁ ଚାହାନ୍ତି ତେବେ ପ୍ରଥମ ପ୍ରେମ ଆଉ ପ୍ରେମିକାକୁ ମନରୁ ସମ୍ପୂର୍ଣ୍ଣ ଭାବରେ ପୋଛି ଦିଅନ୍ତୁ। ନ ହେଲେ ତାହାର ଦଂଶନରେ ଆପଣ ସବୁବେଳେ ସନ୍ତୁଳିତ ହେଉଥିବେ।

**ପ୍ରଶ୍ନ–**ଜଣେ ସୁନ୍ଦରୀ ମୋତେ ଭଲ ପାଉଛି ବୋଲି ଆଭାସ ପାଇସାରିଲିଣି। ହେଲେ ମୋ ମନ କଥା ତାକୁ କେମିତି କହିବି ଜାଣିପାରୁନାହିଁ। ଏ ନେଇ ମୋତେ କିଛି ଉପାୟ ବତାଇବେ କି ସାଥୀ ?

*–ତାପସ ରାଉତ, ରାଉରକେଲା*

**ଉତ୍ତରः**ଏପରି ଚାନ୍ସ ପାଇବା ପରେ ଆଉ ଭାବିବାର କ'ଣ ଅଛି କହୁନାହାନ୍ତି ? ଯଦି ଜାଣୁଛନ୍ତି ସେପଟୁ ଗ୍ରୀନ୍ ସିଗନାଲ ଅଛି, ତେବେ ବିଳମ୍ବ ନ କରି ବହି ଫିଟ୍ କରିଦିଅନ୍ତୁ। ସେ ନେଇ ଯଦି ଏମିତି ଆପଣ ଭାବୁଥିବେ, ହେଲେ ସେପଟେ ହୁଏତ ସେହି ସୁନ୍ଦରୀ ଆଉ କାହା ମନରେ ବସା ବାନ୍ଧି ସାରିବଣି। ସୁବିଧା ଦେଖି ନିଜ ମନର କଥା ସେହି ସୁନ୍ଦରୀ ସାମନାରେ ଉଗାଳି ପକାନ୍ତୁ। ଯଦି ପାଣିପାଗ ଠିକ୍ ରହିଲା, ତେବେ ଆପଣଙ୍କର ପ୍ରେମ ମିଶନ ସକ୍‌ସେସ୍ ହେବାର ଚାନ୍ସ ଅଧିକ ରହିଛି।

# ପିନ୍ଧିବେ ନା ସଜାଇ ରଖିବେ





**ପାଦକୁ ସୁରକ୍ଷା ଦେବା ସହିତ ଏବେ ଜୋତା ସୌଖୀନ ଓ ଷ୍ଟାଟସ୍‌ର ପ୍ରତୀକ ବି ପାଲଟିଗଲାଣି। ଆଉ ମହିଳାଙ୍କର ପ୍ରିୟ ହେଉଛି ହାଇ ହିଲ୍ସ। ଏହି ହାଇ ହିଲ୍ସରେ ବି ଏମିତି ସବୁ ଆକର୍ଷକ ଡିଜାଇନ୍ ଉପଲବ୍ଧ ହେଉଛି ଯେ, ତାକୁ ପିନ୍ଧିବାକୁ ଇଚ୍ଛା ହେବ ନାହିଁ ବରଂ ସଜାଇ ରଖିବାକୁ ଇଚ୍ଛା ହେବ...**



**ହୁଲା ଗର୍ଲ ହିଲ୍ସ:** ହାୱାଇର ହୁଲା ନୃତ୍ୟ ସାରା ପୃଥିବୀରେ ଚର୍ଚ୍ଚିତ। ଏଥିରେ ସୁନ୍ଦରୀ ମହିଳାମାନେ ପତ୍ର, ଫୁଲ, ଫଳକୁ ନେଇ ପ୍ରସ୍ତୁତ ସୁନ୍ଦର ପୋଷାକ ଓ ଅଳଙ୍କାର ପିନ୍ଧି ପ୍ରକୃତିରାଣୀ ଭଳି ଦେଖାଯାଆନ୍ତି। ଆଉ ପାରମ୍ପରିକ ହୁଲା ନୃତ୍ୟ କରନ୍ତି। ଏହି ହୁଲା ନୃତ୍ୟ ଥିମ୍‌କୁ ନେଇ ତିଆରି ହୋଇଛି ମହିଳାଙ୍କ ପାଇଁ ଏକପ୍ରକାରର ଖୁବ୍ ଆକର୍ଷକ ହାଇ ହିଲ୍ସ। ଏହାର ହିଲ୍‌ରେ ସୁନ୍ଦର ହୁଲା ଗର୍ଲ କଣ୍ଢେଇ ଦେଖିବାକୁ ମିଳେ। ତା'ସହ ସୁଜ୍‌ରେ ହୋଇଥିବା ଫ୍ଲୋରାଲ ପ୍ରିଣ୍ଟ ଓ ଏଥିରେ ଖଚିତ ଆର୍ଟିଫିସିଆଲ ଫୁଲ ଏହାକୁ ଅଧିକ ଆକର୍ଷକ କରିଥାଏ। ଏହାର ମୂଲ୍ୟ ୧୯୦ ଡଲାରରୁ ୨୨୦ ଡଲାର ମଧ୍ୟରେ ରହିଥାଏ।

**ଗାର୍ଡେନ ପାର୍ଟି ୱେଜେସ୍:** ଏହି ସୁଜ୍ ମଧ୍ୟ ବେଶ୍ ଆକର୍ଷକ। ଫ୍ଲୋରାଲ୍ ପ୍ରିଣ୍ଟର ଏମ୍ବ୍ରୋଡୋରି ହେବା ସହ ଏହାର ହିଲ୍ ସ୍ଥାନରେ ଦେଖିବାକୁ ମିଳେ କାଚ ମଧ୍ୟସ୍ଥ ଏକ ଛୋଟ ବଗିଚା। ଏହି ବଗିଚା ଭିତରେ ସୁନ୍ଦର ଗଛ, ଫୁଲ ଓ କୁନି ହରିଣ ଦେଖିପାରିବେ। ଫଳରେ ଏହି ସୁଜ୍‌କୁ ପିନ୍ଧିବା ପାଇଁ ମନ ଜମାରୁ ହେବନି। ବରଂ ଘରେ ଶୋ' ପିସ୍‌ଭାବ ସଜାଇ ରଖିବାକୁ ଚାହିଁବେ। ଏହାର ମୂଲ୍ୟ ୨୪୯ ଡଲାର।

**ଡୋଲ୍ସ ଗବାନାର ପାଇନାପଲ୍ ସ୍ୟାଣ୍ଡଲ:** ଡୋଲ୍ସ ଆଣ୍ଡ ଗବାନା କମ୍ପାନୀର ଏହା ହେଉଛି ସ୍ପ୍ରିଙ୍ଗ/ସମର୍ କଲେକ୍ସନ। ଗୋଲାପୀ ରଙ୍ଗର ଏହି ସ୍ୟାଣ୍ଡେଲରେ ପାଇନାପଲ୍ ପ୍ରିଣ୍ଟ ହେବା ସହ ହିଲ୍‌ରେ ପାଇନାପଲ୍ ବା ସପୁରି କଳାକୃତୀ ଦେଖିବାକୁ ପାଇବେ।



**ମିକି ମାଉସ୍ ପମ୍ପସ:** ଏହି ସୁଜ୍ ମିକି ମାଉସ୍ ଆଣ୍ଡ ଫ୍ରେଣ୍ଡସ୍ ସୁଜ୍ କଲେକ୍ସନର ଅନ୍ତର୍ଭୁକ୍ତ ଅଟେ। ଲାଲ ଓ କଳା ରଙ୍ଗର ଏହି ପମ୍ପସ୍‌ର ହିଲ୍ ସ୍ଥାନରେ ମିକି ମାଉସ୍ ଠିଆ ହୋଇଥିବା ଭଳି ଡିଜାଇନ୍ କରାଯାଇଛି। ଏହାର ମୂଲ୍ୟ ୨୬୫ ଡଲାର।



**ଗୁସି ବ୍ରାଣ୍ଡର ଜେବ୍ରା ପ୍ରିଣ୍ଟ ଲେଦର ଓ ଫର୍ ପମ୍ପସ:** ଜେବ୍ରା ପ୍ରିଣ୍ଟ ପୋଷାକ ତ ପିନ୍ଧିଥିବେ। ତେବେ ଜେବ୍ରା ପ୍ରିଣ୍ଟର ହାଇ ହିଲ୍ସ ବି ଅଛି। ଗୁସି ବ୍ରାଣ୍ଡ ଏହି ଜୋତା ତିଆରି କରିଛି। ଏହା ଏକ ପମ୍ପସ୍ ଅଟେ। ଉକ୍ତ ପମ୍ପସ୍‌ର ଏକ କୌତୁହଳମୟ ବିଶେଷତ୍ୱ ହେଉଛି ଯେ, ଜୋତାର ପଛଭାଗରେ ଜେବ୍ରା ପରି ଲାଞ୍ଜି ବି ଅଛି। କିଛି ୟୁନିକ ପିନ୍ଧିବାକୁ ପସନ୍ଦ କରୁଥିବା ମହିଳାଙ୍କ ପାଇଁ ଲେଦର୍ ଓ ଫର୍‌ରେ ପ୍ରସ୍ତୁତ ଏହି ଜେବ୍ରା ପମ୍ପସ ଭଲ ଅପ୍ସନ।



**ଗନ୍ ପରି ହିଲ୍ସ:** ମିନି ବ୍ଲାକ୍ ଡ୍ରେସ୍ ସହ ଗନ୍ ବା ବନ୍ଧୁକ ପରି ଦେଖାଯାଉଥିବା ଏହି ହିଲ୍ସ ବୋଲ୍ଡ ଲୁକ୍ ଦେବ। କେବଳ ଯେ ଏହା ଗନ୍ ପରି ଦେଖିବାକୁ ତାହା ନୁହେଁ, ଏଥିରେ ବୁଲେଟ୍ ବା ଗୁଳି ବି ଦେଖିବାକୁ ପାଇବେ। ତେବେ ଏହାକୁ ଏୟାରପୋର୍ଟ ପରି ହାଇ ସିକ୍ୟୁରିଟି ସ୍ଥାନରେ ପିନ୍ଧିପାରିବେ ନାହିଁ।

**ଡାଇସ୍ ହିଲ୍ ପମ୍ପସ୍:** ଲୁଡୋ ଖେଳରେ ବ୍ୟବହୃତ ଡାଇସ୍ ବା ଗୋଟି ଥିମ୍‌ର ଅଟେ ଏହି ପମ୍ପସ୍। ଉକ୍ତ ପମ୍ପସ୍‌ର ପଛଭାଗରେ ଡାଇସ୍‌ଗୁଡିକ ଥାକ ଥାକ ହୋଇ ରହି ହିଲ୍‌ର କାମ କରିଥାଏ। କଳା ଓ ଲାଲ ରଙ୍ଗରେ ଉପଲବ୍ଧ ଏହି ଡାଇସ୍ ହିଲ୍ ପମ୍ପସ୍ ଦେଖିବାକୁ ବେଶ୍ ଆକର୍ଷକ।

**ମୋଜିତୋ ଟୁଇଷ୍ଟେଡ୍ ସ୍ୟାଣ୍ଡେଲ:** କମଳା ଲେମ୍ବୁର ଚୋପା ଛଡ଼ାଇଲେ ଚୋପା ଯେଉଁଭଳି ମୋଡ଼ି ମୋଡ଼ି ହୋଇ ରହେ, ଠିକ୍ ସେହିଭଳି ଦେଖିବାକୁ ଅଟେ ଏହି ସ୍ୟାଣ୍ଡେଲ। ପ୍ରଥମ ନଜରରେ ତ ଯେକେହି ଏହାକୁ କିଭଳି ପିନ୍ଧାଯିବ ଦ୍ୱନ୍ଦ୍ୱରେ ପଡ଼ିଯିବେ। ଏହି ଅଜବ ସ୍ୟାଣ୍ଡେଲର ମୂଲ୍ୟ ୩୯୦ ଡଲାର ଅଟେ।








## ବିଜୟିନୀ



**ସୂଚନା**

ଏଠାରେ ଫଟୋ ପ୍ରକାଶ ପାଇବା ପାଇଁ କିଛି ଟଙ୍କା ଦେବାକୁ ପଡ଼େନାହିଁ। ଯୋଗ୍ୟ ବିବେଚିତ ଫଟୋ ହିଁ ପ୍ରକାଶ ପାଇବ।

ଆପଣଙ୍କ ମୁହଁ ମଡେଲ ମିରର୍‌ରେ ଦେଖିବାକୁ ଚାହୁଁଥିଲେ ଯୋଗାଯୋଗ: ଧରିତ୍ରୀ ଛୁଟିଦିନ, ବି-୧୫ ରସୁଲଗଡ଼ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
ଫୋନ ନଂ: (୦୬୭୪) ୨୫୮୦୧୦୧
ଫଟୋ ସୌଜନ୍ୟ: କୁମାର ଶରତ, ଧରିତ୍ରୀ

## ହାଃ ହାଃ

### ଗାଧୋଇ


ଶିକ୍ଷୟିତ୍ରୀ ମୁନିର ଡାଏରୀରେ ଲେଖିଲେ- ଦୟାକରି ପିଲାଙ୍କୁ ଗାଧୋଇକି ସ୍କୁଲକୁ ପଠାନ୍ତୁ।
ମୁନିର ମା' ଡାଏରୀର ଲେଖା ଦେଖିବା ପରେ ଡାଏରୀରେ ଲେଖିଲେ- ଦୟାକରି ସ୍କୁଲରେ ପିଲାଙ୍କୁ ପାଠ ପଢାନ୍ତୁ। ସେମାନଙ୍କୁ ଶୁଙ୍ଘନ୍ତୁ ନାହିଁ।

### ଲେଟ୍

ରାଜୁ ସବୁଦିନ ସ୍କୁଲ ଲେଟ୍ ପହଞ୍ଚୁଥିଲା। ଏହାଦେଖି
ଶିକ୍ଷକ: ସବୁଦିନ ଲେଟ୍ କାହିଁକି ଆସୁଛୁ ? ସବୁ ପିଲାଙ୍କ ସହ ମିଶିକି ସ୍କୁଲ ବସ୍‌ରେ ଟାଇମ୍‌ରେ ଆସୁନୁ।
ରାଜୁ: ଗ୍ରୁପ୍ ହେଇ ମିଶିକି କେବଳ ଗଧମାନେ ଆସନ୍ତି। ସିଂହ ତ ସବୁବେଳେ ଏକୁଟିଆ ଆସେ।


### ଶୀତ

ପିଙ୍କି: ଯେତେ ଶୀତ ହେଉ ପଛେ ମୁଁ ସବୁଦିନ ଗାଧାଏ।
ପପୁ ହସି ହସି: ମୁଁ ତ ଶୀତ ଦିନେ ୨ ଥର ଗାଧାଏ।
ପିଙ୍କି: ଆରେ, ତୁ ତ ବହୁତ ସଫା ସୁତୁରା।
ପପୁ: ନାଇଁରେ ପାଗଳୀ। ମୁଁ ଦୁଇଥର ଗାଧାଏ ସତ, କିନ୍ତୁ ମାସରେ ଦୁଇଥର।









# ଆମ୍ବର ସହର ସେଲମ

ତାମିଲନାଡୁର ଉତ୍ତର ମଧ୍ୟ ଭାଗରେ ଅବସ୍ଥିତ ଏକ ସହର ହେଉଛି ସେଲମ। ଚେନ୍ନାଇଠାରୁ ପ୍ରାୟ ୩୪୦ କି.ମି ଦୂରରେ ଥିବା ଏହି ସହରରେ ରହିଛି ଅନେକ ଆକର୍ଷଣୀୟ ପର୍ଯ୍ୟଟନସ୍ଥଳୀ। ମୁଖ୍ୟତଃ ଏଠାରେ ଥିବା ଆଧ୍ୟାତ୍ମିକ ପୀଠଗୁଡ଼ିକ ପର୍ଯ୍ୟଟକଙ୍କୁ ଖୁବ୍ ଆକୃଷ୍ଟ କରିଥାଏ। ତା'ଛଡ଼ା ଆମ୍ବ ଚାଷ, ରୂପା କାମ ଏବଂ ସିଲେଇ କ୍ଷେତ୍ରରେ ବି ଉକ୍ତ ସହରର ରହିଛି ଭିନ୍ନ ଏକ ପରିଚୟ। ସେଥିପାଇଁ ଏଠାକୁ ପର୍ଯ୍ୟଟକଙ୍କର ସୁଅ ଛୁଟିଥାଏ...

ତାମିଲନାଡୁର ସେଲମ ଜିଲା ଅନ୍ତର୍ଗତ ଏକ ପ୍ରମୁଖ ସହର ହେଉଛି ସେଲମ। ପର୍ଯ୍ୟଟନ ଦୃଷ୍ଟିକୋଣରୁ ଏହାର ରହିଛି ବେଶ୍ ନାଁ। ବିଶେଷକରି ଅନେକ ଆଧାତ୍ମିକ ପୀଠ ଏଠାରେ ଦେଖିବାକୁ ମିଳିଥାଏ। ଚାଷବାସ ହେଉ ଅବା ସିଲେଇ କିମ୍ବା ରୂପାରେ ଆକର୍ଷଣୀୟ କାରୁକାର୍ଯ୍ୟ ଏପରିକି ଷ୍ଟିଲ୍ ଉତ୍ପାଦନ କ୍ଷେତ୍ରରେ ମଧ୍ୟ ସେଲମର ରହିଛି ଭିନ୍ନ ଏକ ପରିଚୟ। ମୁଖ୍ୟତଃ ଆମ୍ବ ଚାଷ ପାଇଁ ଏହି ସହର ପ୍ରସିଦ୍ଧ। ସେଥିପାଇଁ ସେଲମକୁ କେହି କେହି ଆମ୍ବର ସହର ବୋଲି ମଧ୍ୟ କହିଥାନ୍ତି।

**ସେଲମର ଇତିହାସ**

ଏହି ସହରର ମଧ୍ୟ ଗୌରବଶାଳୀ ଇତିହାସ ରହିଛି। ଇତିହାସ ପୃଷ୍ଠା ଓଲଟାଇଲେ ଜଣାଯାଏ, ସେଲମ ଉପରେ ଅନେକ ରାଜବଂଶର ରାଜାମାନେ ଶାସନ କରିଯାଇଛନ୍ତି। ଆଉ ପ୍ରତି ରାଜାଙ୍କ ଶାସନ କାଳ ସମୟରେ ଏହି ସହରରେ କିଛି ନା କିଛି ଉନ୍ନତିମୂଳକ କାମ ହୋଇଛି। ଯେଉଁଥିପାଇଁ ଚାଷବାସ ହେଉ ଅବା ବାଣିଜ୍ୟ ତଥା ଶିଳ୍ପ କ୍ଷେତ୍ରରେ ଏହି ସହର ଆଜି ନିଜର ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିପାରିଛି।

**ସେଲମର ପ୍ରମୁଖ ପର୍ଯ୍ୟଟନସ୍ଥଳୀ**

ସେଲମ ଏକ ଲୋକପ୍ରିୟ ପର୍ଯ୍ୟଟନ ତଥା ତୀର୍ଥଭୂମି ଅଟେ। ମୁଖ୍ୟତଃ ଏହି ସହରରେ ଅନେକ ଧାର୍ମିକପୀଠମାନ ରହିଛି। ଯେମିତିକି: କୋଟ୍ଟଇ ମରିୟମ୍ମନ ମନ୍ଦିର, ତାରାମଙ୍ଗଲମ୍ ମନ୍ଦିର, ସେଲମ ସୁଗାଓନେଶ୍ୱର ମନ୍ଦିର, ଅରୁଲମିଗି ଅଲଗିରିନାଥର ମନ୍ଦିର, ଏଲ୍ଲଇପେଡ଼ାରୀ ଅମ୍ମାନ ମନ୍ଦିର ଇତ୍ୟାଦି ଅନ୍ୟତମ। ତା'ଛଡା ଏଠାରେ ଥିବା ସେଭାରୟ ହିଲ୍ସ, ମେଟ୍ଟୁର ଡ୍ୟାମ୍, ୟେରକାଉଡ୍ ନାମକ ଶୈଳନିବାସ ଏବଂ ସହର ମଧ୍ୟ ଦେଇ ପ୍ରବାହିତ ହେଉଥିବା ଥିରୁମାନିମୁଥାରୁ ନାମକ ନଦୀର ଆକର୍ଷଣ ବି ପର୍ଯ୍ୟଟକଙ୍କୁ ଖୁବ୍ ଆକର୍ଷିତ କରିଥାଏ। କେବଳ ସେତିକି ନୁହେଁ ଏହି ସହରରେ ମଧ୍ୟ ରହିଛି ଅନେକ ଆକର୍ଷଣୀୟ ମ୍ୟୁଜିୟମ୍, ବନ୍ୟପ୍ରାଣୀ ଅଭୟାରଣ୍ୟ, ପାର୍କ ତଥା ପିକ୍‌ନିକ୍ ସ୍ପଟ୍। ସେଥିପାଇଁ ବର୍ଷର ଅଧିକାଂଶ ସମୟରେ ଏଠାରେ ପର୍ଯ୍ୟଟକଙ୍କର ଭିଡ଼ ପରିଲକ୍ଷିତ ହୋଇଥାଏ।

**ସେଲମର ଅର୍ଥନୀତି**

ସେଲମ ମୁଖ୍ୟତଃ ଚାଷବାସ, ସିଲେଇ କାମ ତଥା ରୂପାର କାରୁକାର୍ଯ୍ୟ ପାଇଁ ବେଶ୍ ପ୍ରସିଦ୍ଧି ଲାଭ କରିପାରିଛି। କହିବାକୁ ଗଲେ ସେଲମ ହେଉଛି ତାମିଲନାଡୁର ଏକ ପ୍ରମୁଖ ଟେକ୍ସଟାଇଲ୍ ସେଣ୍ଟର। କାରଣ ଏଠାରେ ରହିଛି ପ୍ରାୟ ୧୨୫ରୁ ଉର୍ଦ୍ଧ୍ୱ ସ୍ପିନିଂ ମିଲ୍, ୱେଭିଂ ୟୁନିଟ୍ ତଥା ଗାର୍ମେଣ୍ଟ ୟୁନିଟ୍। ସେହିପରି ସାଗୁ ଚାଷ ଏବଂ ଷ୍ଟିଲ୍ ଉତ୍ପାଦନ କ୍ଷେତ୍ରରେ ମଧ୍ୟ ଏହି ସହରର ବେଶ୍ ନାଁ ରହିଛି। ତା'ଛଡ଼ା ଆମ୍ବ ଚାଷ ହେଉଛି ଏଠାକାର ଏକ ପ୍ରମୁଖ ଚାଷ। କହିବାକୁ ଗଲେ ଏହି ସହରର ଅର୍ଥନୀତି ମୁଖ୍ୟତଃ ଆମ୍ବ ଚାଷ ଉପରେ ହିଁ ଅଧିକ ନିର୍ଭର କରିଥାଏ। ଭାରତର ପ୍ରାୟ ସବୁ ବଡ଼ ବଡ଼ ସହରମାନଙ୍କରେ ଏପରିକି ବିଦେଶରେ ମଧ୍ୟ ସେଲମ ଆମ୍ବର ବେଶ୍ ଚାହିଦା ରହିଥାଏ। କେବଳ ସେତିକି ନୁହେଁ ଆକର୍ଷଣୀୟ ରୂପାର ଜୁଏଲେରୀ ପାଇଁ ବି ଏହି ସହରର ଖୁବ୍ ନାଁ ରହିଛି। ଖାସ୍ ଏହିସବୁ କାରଣ ପାଇଁ ବି ଏଠାରେ ପ୍ରାୟତଃ ପର୍ଯ୍ୟଟକଙ୍କର ଭିଡ଼ ପରିଲକ୍ଷିତ ହୋଇଥାଏ।

**କେବେ ଓ କେମିତି ଯିବେ**

ବର୍ଷର ସବୁ ସମୟରେ ଏଠାକୁ ଯିବାର ସୁବିଧା ଥିଲେ ହେଁ, ସ୍ଥାନୀୟ ପାଣିପାଗ ସୂଚନାକେନ୍ଦ୍ରର ମତାନୁଯାୟୀ, ସେଲମ ବୁଲିଯିବା ପାଇଁ ନଭେମ୍ବରରୁ ମାର୍ଚ୍ଚ ହେଉଛି ସବୁଠୁ ଉପଯୁକ୍ତ ସମୟ। ସେହିପରି ଏଠାକୁ ଯିବାପାଇଁ ଗମନାଗମନର ବି ଭଲ ବ୍ୟବସ୍ଥା ରହିଛି। ସେଲମ ଜଙ୍କସନ୍ ରେଲୱେ ଷ୍ଟେଶନ ହେଉଛି ଏହାର ଏକ ପ୍ରମୁଖ ରେଲଷ୍ଟେଶନ, ଯେଉଁଠାକୁ ଦେଶର ବିଭିନ୍ନ ସ୍ଥାନରୁ ନିୟମିତ ବ୍ୟବଧାନରେ ଟ୍ରେନ୍ ଚଳାଚଳ କରିଥାଏ। ସେହିପରି ସେଲମ ଏୟାରପୋର୍ଟ ହେଉଛି ଏହାର ନିକଟତମ ବିମାନବନ୍ଦର। ଅନ୍ୟପକ୍ଷେ ଦେଶର ବିଭିନ୍ନ ସ୍ଥାନରୁ ଟୁରିଷ୍ଟ ବସ୍ ବି ଏଠାକୁ ଯା'ଆସ କରିଥାଏ ; ଯାହା ପର୍ଯ୍ୟଟକଙ୍କ ପାଇଁ ଅନ୍ୟ ଏକ ବିକଳ୍ପ ହୋଇପାରେ।









# କଳା ଘର

ଘର ଖାଲି ମୁଣ୍ଡ ଗୁଞ୍ଜିବା ପାଇଁ ଛାତଟିଏ ନୁହେଁ। ତା' ଭିତରେ ମଣିଷର ଭାବ ଜଡିତ ଥାଏ। ତେଣୁ ଘର ପ୍ରତି ଭଲ ପାଇବା ସମସ୍ତଙ୍କର ଥାଏ। ତେଣୁ ନିଜ ଘରକୁ ସବୁଠୁ ସୁନ୍ଦରଭାବେ ସଜାଇବାକୁ ସମସ୍ତେ ଚାହାନ୍ତି। ମନ ପସନ୍ଦର ରଙ୍ଗରେ ରଙ୍ଗାଇବା ସହ ଘରର ଆଭ୍ୟନ୍ତରୀଣ ସାଜସଜ୍ଜାକୁ ବେଶ୍ ସୁନ୍ଦରଭାବେ କରିଥାନ୍ତି। ହେଲେ କେବେ କେହି ନିଜ ଘରକୁ କଳା ରଙ୍ଗରେ ରଙ୍ଗାଇବା ଦେଖିଛନ୍ତି କି? ସାଧାରଣତଃ କଳା ରଙ୍ଗକୁ ଅଶୁଭ ମଣାଯାଏ। ତେଣୁ କେହି ଘରକୁ ଏହି ରଙ୍ଗରେ ରଙ୍ଗାଇ ନ ଥାନ୍ତି। ହେଲେ ଆମେରିକା, ମାସାଚୁସେଟ୍‌ସସ୍ଥ ସ୍ପ୍ରିଙ୍ଗଫିଲ୍ଡରେ ଅଛି ଏମିତି ଏକ ଘର ଯାହା ଦେଖିବାକୁ ପୁରାପୁରି କଳା ରଙ୍ଗର। ଏହା 'ଗଥ୍ ହୋମ୍'ଭାବେ ବେଶ୍ ପରିଚିତ। ଦୁଇ ମହଲାବିଶିଷ୍ଟ ଏହିଘରଟି ଅକ୍ଟାଗନ୍ ବା ଅଷ୍ଟଭୂଜାକାର ଅଟେ। ଅଧ ଏକର ଜମିରେ ନିର୍ମିତ ଏଇ ଘରର କେବଳ ବାହାରର ରଙ୍ଗ କଳା ନୁହେଁ ବରଂ ଭିତର ବି କଳା ରଙ୍ଗର। ଏମିତିକି ଏହାର ଇଣ୍ଟେରିୟର୍ ଡିଜାଇନ୍ ବି କଳା ରଙ୍ଗର। ଏହାର କେବଳ ଟାଇଲ୍‌ସ ଓ ଚଟାଣ ଧଳା ରଙ୍ଗର। ଏହାକୁ ଛାଡିଦେଲେ ଆଉ ସବୁ କଳା। ଆଉ କୋଠରୀଗୁଡିକ ଚାରିକୋଣିଆ ନୁହେଁ ବରଂ ଅଷ୍ଟଭୁଜାକାର। ଏହା ମଧ୍ୟରେ ଦୁଇଟି ବେଡ୍‌ରୁମ୍, ଦୁଇଟି ବାଥ୍‌ରୁମ୍, ରୋଷେଇ ଘର, ଲଣ୍ଡରୀ ରୁମ୍, ଓପନ୍ ଲିଭିଂ ଡାଇନିଂ ରୁମ୍, ଫାୟାରପ୍ଲେସ୍ ଅଛି। ଉପର ମହଲାରେ କ୍ୟାଥେଡ୍ରାଲ୍ ସିଲିଂ ହେବା ସହ ତିନୋଟି ସ୍କାଇଲାଇଟ୍, ଟାଇଲ୍ଡ ବାଥ୍ ସହ ଡବଲ୍ ଭ୍ୟାନିଟି ଓ ୱାକ୍ ଇନ୍ ସାୱାର ଅଛି। ଏହାର ଗ୍ୟାରେଜ୍‌ଟି ବି କଳାରଙ୍ଗର ଅଟେ। ଉକ୍ତ ଘରକୁ ଡିଜାଇନ୍ କରିଛନ୍ତି ଭଲ୍ଡେମର୍ଟ ନାମକ ଡିଜାଇନର୍। ଏହି ଘରକୁ ସେଠ ଗୁଡମ୍ୟାନ୍ କିଣିଥିଲେ, କାରଣ ତାଙ୍କୁ ଅଷ୍ଟଭୂଜାକାର ଘର ବହୁତ ଭଲ ଲାଗିଥିଲା। ଏହାର କିଛି ରୁମ୍ କଳା ରଙ୍ଗର ଥିଲା, ଯାହା ତାଙ୍କୁ ବହୁତ ଭଲ ଲାଗିଥିଲା। ପରେ ସେ ଧୀରେ ଧୀରେ ସେହି ଘରର ସବୁକିଛି କଳା ରଙ୍ଗରେ ପରିଣତ କରିଦେଇଥିଲେ। ଏବେ ସେ ତାଙ୍କର ଏଇ କଳା ଘରକୁ ବିକ୍ରି କରିବାକୁ ଯୋଜନା କରିଛନ୍ତି।

## କାର୍ଟୁନ କର୍ନର



# ମଡର୍ନ୍ ମରଣ

–ଶ୍ରୀମାନ୍ ସର୍ବଗିଳା




ଅଙ୍କଲ ଜଣଙ୍କ ସହର ସେମୁଣ୍ଡରୁ,ଏମୁଣ୍ଡ ଆଣ୍ଟିଙ୍କ ଘରକୁ ବେଳକାଳ ଉଣ୍ଡି ଉଣ୍ଡି ପ୍ରାୟ ଆସୁଥିଲେ। ଆଜିକାଲିର ବଡ଼ ମିଡିଏଟର ମୋବାଇଲ୍ ଫୋନ୍ ଏମିତିଆ ମଧୁର ସମ୍ପର୍କ ଯୋଡ଼ାଯୋଡ଼ି କାମ କରିଦେଇଥିଲା। ଅଙ୍କଲ ଯେତେବେଳେ ଆସୁଥିଲେ ହାତରେ ଦାମୀ ଚକୋଲେଟ୍ ସହ ତିରିଶ ପଚାଶ ଟଙ୍କା ଧରି ଆସୁଥିଲେ। ଆଣ୍ଟିଙ୍କ ସାତବର୍ଷର ଛୁଆକୁ ଦେଇ ଭଲ ପୋଷା ମନେଇ ରଖିଥିଲେ। ହାତରେ ଚକୋଲେଟ ସହିତ ଟଙ୍କା ଦେଇ ମନଇଛା ଖର୍ଚ୍ଚ କରିବାକୁ କହି ବଜାରକୁ ପଠେଇ ଦେଲାପରେ, ହୃଦୟ ଖୋଲା ସମ୍ପର୍କର ସଦୁପଯୋଗ କରୁଥିଲେ। ହେଲେ କୋଉ ଚୁଗୁଲିଆଟାର ଦେହ ସହିଲାନି ବୋଲି ଆଣ୍ଟିଙ୍କ ଖାଣ୍ଟି ପତିଙ୍କ କାନରେ ପକେଇ ପରିସ୍ଥିତିକୁ ବିଷମୟ କରିଦେଲା। ତହୁଁ ପତିଙ୍କ ଗାଢ଼ା ବିଶ୍ୱାସ, ଅବିଶ୍ୱାସ ସନ୍ଦେହରେ ବଦଳିବା ପରେ ଦିନେ ଆସି ତିନିଦିନିଆ ଟୁର୍ ଯିବା କଥା କହି ପତ୍ନୀଠାରୁ ବିଦାୟ ନେଲେ। କିନ୍ତୁ ହଠାତ୍ ସେଇଦିନ ସଞ୍ଜବୁଡ଼େ ଅକସ୍ମାତ୍ ଆଗମନ କରି ଆପଣା ପତ୍ନୀଙ୍କ ସହିତ ଅଙ୍କଲଙ୍କୁ ବେଡ୍‌ରୁମ୍‌ରେ ଆବିଷ୍କାର କରି ପ୍ରବଳ ତିରସ୍କାର କଲେ। ପୁତ୍ର ଆସି ଦେଖିଲେ ଡାଡି ଖୁବ୍ ରାଗି ଅଙ୍କଲଙ୍କୁ ଗାଳି କରୁଛନ୍ତି। ତେଣୁ ଅଙ୍କଲଙ୍କ ଚକୋଲେଟ ଟଙ୍କାରେ ପୋଷା ମାନିଥିବା ପୁତ୍ର ତୁରନ୍ତ କାମ ଦେଖେଇଲା। ହାତରେ ଅଙ୍ଗ୍ରେଜିଆ ବ୍ୟାଟ୍‌ରେ ଡାଡିଙ୍କ ମୁଣ୍ଡକୁ ଶକତ ପାହାର ପକେଇ କହିଲା, ‘‘ଆଉ ଯେବେ କୋଉଦିନ ମୋ ଅଙ୍କଲଙ୍କୁ କ’ଣ କହିଥିବୁ ତେବେ ମତେ ଚିହ୍ନିବୁ।’’

ଆଜ୍ଞା ! ଯେବେଠୁ ବାପା–ବୋଉମାନେ ଡାଡି–ମମୀ ପାଲଟିଗଲେଣି, ସେବେଠୁ ବାହାର ଅଙ୍କଲମାନେ ଗୃହ ପ୍ରବେଶ କରିବାକୁ ସାହସ କଲେଣି। ଅଙ୍କଲର ଅସଲ ଅର୍ଥ ହେଲା ବିନା ଡାକରାରେ ଯେ ଘରକୁ ପଶି ଜବର ଅଧିକାର ସାବ୍ୟସ୍ତ କରନ୍ତି। ଆଉ ଆଣ୍ଟିମାନେ ଯାହାର ଆଣ୍ଟ ବା ବଳ ଶକ୍ତି ଅଛି, ସ୍ତ୍ରୀ ଲିଙ୍ଗାନ୍ତ ଇପ୍ ପ୍ରତ୍ୟୟ ଯୁକ୍ତ ହୋଇ ଆଣ୍ଟି ବୋଲାନ୍ତି। କେହି କେହି ଆସି ଆଣ–ଟି (ଚା) କହୁକହୁ ଆଣ୍ଟି ବି ଡାକିଥା’ନ୍ତି। ଅବଶ୍ୟ ଅଙ୍କଲଙ୍କ ପିଲା ଆଣ୍ଟି ଓ ଆଣ୍ଟିଙ୍କ ପିଲାଏ ଅଙ୍କଲ ସମ୍ବୋଧନ ଭଦ୍ରାମିରେ କରନ୍ତି।

ବୋଉ। ଯେ ଲ୍ୟାଣ୍ଡ ଫୋନ୍ ପରି ଘରଭିତରେ ରାଉରାଉ। ମମୀମାନେ ମୋବାଇଲ୍ ଫୋନ୍ ପରି ସଦା ପାଖରେ ରହି ଦୂର ଦୂରାନ୍ତକୁ ବାହାରକୁ ବି ଗମନ କରିପାରନ୍ତି। ଆଉ ଗର୍ଲଫ୍ରେଣ୍ଡ ସବୁ ସ୍ମାର୍ଟ ଫୋନ୍ ପରି / ଆଠ ଦଶୁଟା କିସ୍ (ଚୁମା) ଏ ପଟରୁ ଛାଡ଼ିଦେଲେ ଆରପଟରୁ ରିଚାର୍ଜ ହୋଇଯାଇଥାଏ। ଏଇ ମୋବାଇଲ୍ ପରି ମିଛୁଆ ଡାଡି–ମମୀ, ବୟ ଫ୍ରେଣ୍ଡ, ଗର୍ଲ ଫ୍ରେଣ୍ଡ। ପାଖରେ ଅଛି କହି କାହା କାଖରେ ଲାଗି ଯାଇଥିବେ। କଲେଜ କି ଅଫିସ୍ ନାଁ କହି କ୍ଲବ, ପାର୍କ, ସିନେମାହଲ୍‌ରେ ବସିଥିବେ। ବିଜିବିଜି କହି ଫୋନ୍ କାଟୁଥିବେ ଅବା ଯିବିଯିବି କହୁଥିବେ।

ବାପା, ବୋଉରୁ ଏମାନେ ଯେତେବେଳେ ମମୀ ଡାଡି ହୁଅନ୍ତି, ଅଧିକାଂଶଙ୍କର ଭାଷା, ଭାବ, ପ୍ରେମ, ବେଶ, ହସ ବଦଳିଯାଏ। ସଫେଦ କେଶ କଳା କି କସରା ହୁଏ। ଲମ୍ବାଚୁଟି କାଟିକାଟି ଛୋଟିଆ ବେକ ଉପରକୁ ରହେ। ଶାଢ଼ିରୁ ସାଲୱାର, ଜିନ୍ସ ଶର୍ଟ ହୋଇଯାଏ । ଅଧିକାଂଶ ବିୟୁଟି ପାର୍ଲର କି ବିୟର ପାର୍ଲର ପାଲରେ ପଡ଼ିଯା’ନ୍ତି। ଛୁଆଙ୍କୁ ଚଲେଇ କୁକୁରଙ୍କୁ କାଖାନ୍ତି। ଓଡ଼ିଆ ସର୍କାରୀ ସ୍କୁଲରୁ ଅଙ୍ଗ୍ରେଜିଆ ପ୍ରାଇଭେଟ୍ ସ୍କୁଲରେ ଚଢ଼ା ଦାମ୍ ଦେଇ ପିଲାଙ୍କୁ ପଢ଼ାନ୍ତି। ପିଲାଏ ବାପା–ବୋଉ ଡାକିଲେ କାଳା ହେଇଯା’ନ୍ତି। ଡାଡି–ମମୀର ମଧୁର ସ୍ୱର ଶୁଣି ଜବାବ୍ ଦିଅନ୍ତି। ଶହେକେ ଷାଠିଏ ଭୁଲ୍ ହେଉ ପଛେ ହିନ୍ଦୀ–ଇଂଲିଶରେ କଥା ହୁଅନ୍ତି । ଘଷା ଫୋନ୍‌କୁ ହାତରେ ଧରି ଘଷୁଥା’ନ୍ତି । ଚାଟିଂ ନେଟିଂକୁ ଭଲ ପା’ନ୍ତି। କେହିକେହି ପଡ଼ୋଶୀଙ୍କ ପତି–ପତ୍ନୀ ଆଡ଼କୁ ଅଧିକ ଆକର୍ଷିତ ହୋଇ ପ୍ରଶଂସକ/ପ୍ରଶଂସିକା ପାଲଟିଯା’ନ୍ତି। ଗାଈ ରଖି ଗାଉଁଲୀ ଶୁଣିବାଠାରୁ ବିଦେଶୀ କୁକୁର ପାଳି ମର୍ଡନ ବୋଲି ଘୋଷଣା କରନ୍ତି। ଗୁରୁବାର ମାଣବସା ସାଦା ଅରୁଆ ତର୍କାରି ଘର ରନ୍ଧାଠାରୁ ହୋଟେଲ୍ ବାର୍‌ରେ ଖାଇବା ପିଇବାକୁ ବେଶି ପସନ୍ଦ କରନ୍ତି। ମନ୍ଦିର ଯିବାଠାରୁ ବୟ ଫ୍ରେଣ୍ଡ / ଗର୍ଲ ଫ୍ରେଣ୍ଡ ବା ଅଙ୍କଲ / ଆଣ୍ଟିଙ୍କ ସହ ପାର୍କ ବୁଲିବା ଶପିଂ କରିବାକୁ ଭଲ ପା’ନ୍ତି। ସ୍ମାର୍ଟ ହେବାପାଇଁ ସ୍ମାର୍ଟ ସିଟିରେ ରହିବା, ସ୍ମାର୍ଟ ଡ୍ରେସ୍ ପିନ୍ଧିବା କିଟିପାର୍ଟି କରିବା ସଂସ୍କାର ଆପଣେଇନିଅନ୍ତି। ଆରିଶା, କାକରା, ନାକରା ଲାଗେ। ଚୁଡ଼ାଛତୁଆ, ପଖାଳ ଠାରୁ ଚା’ ଚାଟ୍, ଚାଉମିନି, ହଟ୍ ପିଜ୍ଜାରେ ମନ ଲାଖିଯାଏ। ଦହି, ଲେମ୍ବୁ, ଚିନି ସରବତ୍‌ଠାରୁ କୋଲ୍ଡଡ୍ରିଙ୍କ୍‌ସ, ବିୟର, ଫରେନ୍ ଲିକର୍ ସୁଆଦିଆ ଲାଗେ। ଓଡ଼ିଆ କହିଲାବେଳେ ବେଶି ରିଅଲି, ଆକ୍ଚୁଆଲି, ବଟ୍, ନଟ୍, ବାଏ, ହାଏ ଲଗେଇ ଓଠକୁ ଅଧିକା ଲମ୍ବେଇ କହନ୍ତି ତ କେହି ପାଟିଠାରୁ ବଢ଼ି, ଆଖିରେ ବେଶି ଏକ୍ସପ୍ରେସନ୍ ଦିଅନ୍ତି।

ଡାଡି–ମମୀଙ୍କଠୁ ଅଧିକ ମଡର୍ନ ତାଙ୍କ ପିଲାଏ । ମୋଟା ଜିନ୍ସ ଶର୍ଟ ନ ପିନ୍ଧି ଚଢ଼ାଦାମ୍ ଦେଇ ଚିରାଫଟା ପିନ୍ଧି ସ୍ମାଇଲ୍ ଫେସ୍‌ରେ ମଡର୍ନ ଷ୍ଟାଇଲ୍ ବୋଲି ଦେଖେଇ ହୁଅନ୍ତି । ବଡି ଯେତେ ପତଳା (ସ୍ଲିମ୍) ହେଉଥାଏ, ଗର୍ବରେ ଛାତି ସେତେ ଫୁଲୁଥାଏ। ଦେଶୀୟ ଦିଅଁ ଦେବତା କଳାକାର ସଂଗୀତ ନୃତ୍ୟଠାରୁ ଫରେନ୍ ପ୍ରୀତି, ଫରେନ୍ ସଂସ୍କୃତି, ଡ୍ୟାନ୍ସ, କଳାକାର, ଫିଲିମ୍‌ଷ୍ଟାର ଭଲ ବାସ୍ନା ହୁଅନ୍ତି। ଜେଜେ–ଜେଜୀ / ବାପା–ବୋଉଙ୍କ ପାଞ୍ଚ–ସାତ ପିଲା, ଡାଡି–ମମୀ ବେଳକୁ ଦୁଇ ଏକକୁ କମି ପରବର୍ତ୍ତୀ ପିଢ଼ି ମଡର୍ନ ଗର୍ଲ ବୟଙ୍କ ବେଳକୁ ଶୂନ୍ୟ ବେବୀ, ଲିଭିଂ ଟୁଗେଦର, ସମଲିଙ୍ଗି ବିବାହ ସମ୍ପର୍କ, ରିଲେସନ୍‌ଶିପ୍ ଜମାନା ଚାଲିଆସିଥାଏ। ଯାହାର ଯେତେ ରିଲେସନ୍‌ଶିପ୍ ସେ ସେତେ ପାରିବାର ହେଲେଣି। ବହୁବାର ‘ବ୍ରେକ୍‌ଅପ୍’ ହେଲେ ବି ବହୁ ସ୍ୱପ୍ନ ବହୁ ବାହାଦୁରି ଗପ ଗପୁଥାନ୍ତି । ଗୁରୁଜନଙ୍କ ହିତୋପଦେଶଠାରୁ ଗୁଗଲ୍ ଗୁରୁଙ୍କଠାରୁ ମାତ୍ରାଧିକ ଶିକ୍ଷା ଆଗକୁ ଆଗେଇନିଏ।

‘‘ବହୁ ସମ୍ପର୍କ, ବହୁ ସାଙ୍ଗ, ରଙ୍ଗ ଛାଡ଼ିଲେ ବୟସ ଗଡ଼ିଲେ ପୂରା ନିଃସଙ୍ଗ।’’ ଓଭର୍ ସ୍ମାର୍ଟ ହେଉ ହେଉ ସ୍ୱପ୍ନ ଦେଖାରାତି ଭୋର୍ ହୋଇ ଦିନ ନୁହଁ ଆଉ ଗୋଟେ ଭିନ୍ନ ଅନ୍ଧାରକୁ ଟାଣି ନେଉଥାଏ। ଅସମୟରେ ମରଣକୁ ବରଣ କରନ୍ତି। ଅନେକ ପୁଅ ଝିଅ ସୁଇସାଇଡ୍ ନୋଟ୍ ଲେଖି ମରିବାକୁ ‘ମଡର୍ନ–ମରଣ’ ବୁଝିଥାନ୍ତି।

–ମଙ୍ଗରାଜପୁର, ବୀରହରେକୃଷ୍ଣପୁର, ପୁରୀ,
ମୋ : ୭୦୦୮୧୮୮୮୪୭


## ପୁସ୍ତକ ସମୀକ୍ଷା

### ଅନନ୍ୟ ସ୍ୱାକ୍ଷର

**ଅମ୍ବିକା ପ୍ରସାଦ ସାମନ୍ତରାୟ**

**ଏଥେନା ବୁକ୍‌ସ, ଭୁବନେଶ୍ୱର, ମୂଲ୍ୟ–୧୫୦ ଟଙ୍କା**

ଅନନ୍ୟ ସ୍ୱାକ୍ଷରରେ ୧୫ଟି ଇଂରାଜୀ ଗଳ୍ପକୁ ଓଡ଼ିଆରେ ଅନୁବାଦ କରାଯାଇଛି। ସେଗୁଡ଼ିକରେ ରୁଷିଆ, ହଙ୍ଗେରୀ, ଫ୍ରାନ୍ସ, ବ୍ରାଜିଲ, ଆମେରିକା, ଆୟର୍ଲାଣ୍ଡ, ନରୱେ, ଚେକୋସ୍ଲୋଭାକିଆ, ବେଲ୍‌ଜିୟମ ଆଦିରେ ଖ୍ୟାତିଲାଭ କରିଥିବା ଲେଖକଙ୍କ ଗଳ୍ପଗୁଡ଼ିକୁ ଓଡ଼ିଆରେ ଅନୁବାଦ କରାଯାଇଛି। ସେଗୁଡ଼ିକ ମଧ୍ୟରୁ ଆଣ୍ଟନ ଚେକଭ୍‌ଙ୍କ ‘ବାଜି, ଓସ୍କାର ୱାଇଲ୍ଡଙ୍କର ‘ଜଣେ ମଡେଲ ଧନାଧିପତି’ ଆଦି ଆହୁରି କେତେକ ଗଳ୍ପ ନିଆଯାଇପାରେ। ବିଶ୍ୱ ସାହିତ୍ୟର ଯେଉଁ ପ୍ରଖ୍ୟାତ ଲେଖକଙ୍କ ଗପଗୁଡ଼ିକୁ ସାମନ୍ତରାୟ ଚମତ୍କାର ଭାବେ ଅନୁବାଦ ମାଧ୍ୟମରେ ପାଠକଙ୍କୁ ପରଷି ଦେଇଛନ୍ତି ସେଥିପାଇଁ ସେ ଧନ୍ୟବାଦାର୍ହ। ବାକ୍ୟାନ୍ତରିତ ଓ ଶବ୍ଦାନ୍ତରିତ ଅନୁବାଦରେ ସୂକ୍ଷ୍ମ ସୁକୁମାର ଉପାଦାନ ହଜିଯିବାର ଆଶଙ୍କା ଥିବାରୁ ଲେଖକ ଅନୁସୃଜନ କଳାକୁ ଫୁଟେଇବାକୁ ଚେଷ୍ଟା କରିଛନ୍ତି। ଗପଗୁଡ଼ିକ ପଢ଼ି ପାଠକ ଉଚ୍ଚାଙ୍ଗ ସାହିତ୍ୟରୁ ପ୍ରେରଣା ସାଉଁଟୁ ଓ ତତ୍ତୁଲ୍ୟ ସୃଷ୍ଟି ପାଇଁ ଶୁଦ୍ଧ ପ୍ରୟାସ କରୁ। ଏହାହିଁ ପୁସ୍ତକର ଉଦ୍ଦେଶ୍ୟ। ଅନୁବାଦ ପୁସ୍ତକ ‘ଅନନ୍ୟ ସ୍ୱାକ୍ଷର’ ଅଜସ୍ର ପାଠକୀୟ ସ୍ୱୀକୃତି ଲାଭ କରିବ ବୋଲି ଆଶା ଓ ବିଶ୍ୱାସ ।




### ପେଟ

**ଲେଖିକା– ଜୟଶ୍ରୀ ଦାସ, ପ୍ରକାଶକ– ଅଭିଳାଷ ଦାସ**

**ଭୁବନେଶ୍ୱର, ମୂଲ୍ୟ –୧୫୧ ଟଙ୍କା**

ଜୟଶ୍ରୀ ଦାସଙ୍କ ଉପନ୍ୟାସ ‘ପେଟ’। କିଭଳି ମଣିଷ ପେଟ ଚାଖଣ୍ଡକ ପାଇଁ ଜୀବନ ସାରା ସଂଘର୍ଷ କରି ମାଟିରେ ମିଶି ଯାଉଛି ସେ ବିଷୟରେ ଲେଖିକା ଚମତ୍କାର ଭାବେ ବର୍ଣ୍ଣନା କରିଛନ୍ତି। ଈଶ୍ୱର ତାଙ୍କ ସୃଷ୍ଟିର କୋଣେ କୋଣେ ଅନେକ ପ୍ରାକୃତିକ ସମ୍ପଦ ଭରି ଦେଇଛନ୍ତି। ମଣିଷର ଖୁସି ପାଇଁ ଖଞ୍ଜି ଦେଇଛନ୍ତି ଅନେକ ଖାଦ୍ୟ। ସକଳ ଜୀବ ଜଗତ ଏଥିରେ ବନ୍ଧା। ସକାଳ ହେଲେ ମଣିଷ ଖାଦ୍ୟ ଅନ୍ୱେଷଣରେ ବାହାରି ଯାଉଛି। ଝିଟିପିଟି ମଧ କାନ୍ଥରେ ଥାଇ ପେଟ ଚାଖଣ୍ଡକ ପାଇଁ ପୋକ ଜୋକ ଖାଇ ବଞ୍ଚୁଛି। ପେଟ ପାଇଁ ଭିକ ମାଗୁଥିବା ଦୃଶ୍ୟ, ଶ୍ରମିକମାନଙ୍କର ଦୁଃଖ ଓ କୁଲି ମଜୁରିଆମାନଙ୍କର କଷ୍ଟ ଆଦି ଦେଖିଲେ ଲେଖିକାଙ୍କ ମନ ଆନ୍ଦୋଳିତ କରିଛି। ଶିଶୁଟିଏ ଜନ୍ମ ହେଉ ହେଉ ସ୍ତନ୍ୟପାନ କରିଥାଏ। ଜନ୍ମରୁ ମୃତ୍ୟୁ ପର୍ଯ୍ୟନ୍ତ ଖାଦ୍ୟ ପାଇଁ କିଭଳି ସଂଘର୍ଷ ଚାଲିଛି ସେ ବିଷୟରେ ଲେଖିକା ଚମତ୍କାର ଭାବେ ବୁଝାଇଛନ୍ତି। ଦାରିଦ୍ର୍ୟ ଅଛି ବୋଲି ଓଡିଶା ଓ ଭାରତର ଲୋକେ ଜ୍ଞାନୀ ହେଉଛନ୍ତି ଏହା ଲେଖିକା ତାଙ୍କ ଉପନ୍ୟାସରେ କହିଛନ୍ତି। ଉପନ୍ୟାସଟି ନିଶ୍ଚୟ ପାଠକଙ୍କ ମନ ଛୁଇଁବ ଏଥିରେ ଦ୍ୱିମତ ନାହିଁ।





### ଚକ୍ରବ୍ୟୂହ

**ଲେଖିକା– ଭାନୁମତି ସାହୁ**

**ପ୍ରକାଶକ– ଜ୍ଞାନଯୁଗ ପବ୍ଲିକେଶନ, ଭୁବନେଶ୍ୱର**

**ମୂଲ୍ୟ–୭୨୦ଟଙ୍କା**

ଚକ୍ରବ୍ୟୂହ ଭାନୁମତି ସାହୁଙ୍କର ଏକ ଦୀର୍ଘ ଉପନ୍ୟାସ । ଏଥିରେ ଲେଖିକା ନାରୀ ମନ ଚେତନାକୁ ବୁଝିବାକୁ ବା ବୁଝେଇବାକୁ ଚେଷ୍ଟା କରିଛନ୍ତି। ଯାହା ଦୀର୍ଘ ହେଲେ ମଧ୍ୟ ପଢ଼ିବାକୁ ସୁଖପାଠ୍ୟ। ଏଥିରେ ଅନେକ ବାସ୍ତବିକ କଥାର ପରିସ୍ଫୁଟନ ହୋଇଛି। ସମାଜର ପରିବର୍ତ୍ତିତ ପରିସ୍ଥିତିର ବିଭିନ୍ନ ଅନୁଭୂତିର ପ୍ରତିଛବି ପ୍ରତିଫଳିତ ହୋଇଛି ଉପନ୍ୟାସରେ। ନମିତା ନାୟକଙ୍କ ଅସ୍ତିତ୍ୱହୀନ ଅବସୋସର କାହାଣୀ ଭିତରେ ଅବତରଣ ହୋଇଛି ଅତୀତ ଅସ୍ତିତ୍ୱ ପୃଷ୍ଠାର ଅନ୍ତରାତ୍ମାର ଉପଲବ୍ଧି। ଜୀବନ ମାୟାମୋହର ରଙ୍ଗରେ ରଙ୍ଗାୟିତ। କିନ୍ତୁ ପରିସମାପ୍ତି ହୋଇଥାଏ ଜୁଇରେ। ମୁକ୍ତିପଥର ଯାତ୍ରୀ ହୁଏ ଆତ୍ମା। ତା’ ସମ୍ମୁଖରେ ମଣିଷରୂପି ଶରୀର ନ ଥାଏ, ପୁଣି ଆବିର୍ଭାବ ହୋଇ ବୋଧ କରିବାକୁ ଆପଣାର ଲୋକଙ୍କୁ। ସେ ତ ସଂସାରର ମାୟାମୋହର ଚକ୍ରବ୍ୟୂହ ଭିତରୁ ବାହାରି ଗଲାଣି। କେଉଁଠୁ ଶୁଣିବ ଜୀବନର ମଧୁର ସ୍ୱର। ଲେଖିକା ଚମତ୍କାର ଭାବେ ନାରୀର ମନକଥା ପରଷି ଦେଇ ପାଠକଙ୍କୁ ବାନ୍ଧି ରଖିବାକୁ ଚେଷ୍ଟା କରିଛନ୍ତି। ପୁସ୍ତକଟି ନିଶ୍ଚୟ ପାଠକଙ୍କୁ ବାନ୍ଧି ରଖିବ।



ବ୍ୟାକ୍ ପେଜ୍

# କପ୍‌କେକ୍ ଟାୱାର

ଛୋଟ ହେଲେ ବି କପ୍ କେକ୍‌ର ସ୍ୱାଦ ଭାରି ନିଆରା। ତେଣୁ ଏହା ସମସ୍ତଙ୍କର ପ୍ରିୟ। ତେବେ ଜାଣନ୍ତି କି ଏଇ କୁନି କୁନି କପ୍‌କେକ୍‌ରେ ସୁଉଚ୍ଚ ଟାୱାର ତିଆରି କରାଯାଇ ଏକ ରେକର୍ଡ ବି ହୋଇଛି। ସେହି ଟାୱାରର ଉଚ୍ଚତା ୪୧ ଫୁଟ ୮ ଇଞ୍ଚ ଥିଲା। ଏହାକୁ ତିଆରି କରିବା ପାଇଁ ବ୍ୟବହାର ହୋଇଥିଲା ୧୮, ୮୧୮ଟି କପ୍ କେକ୍। ଚେନ୍ନାଇର ଫୋରମ୍ ବିଜୟ ମଲ୍ ନାମକ ଏକ ବଡ଼ ଶପିଂ ମଲର ଗ୍ରାଉଣ୍ଡ ଫ୍ଲୋର୍‌ରେ ଉକ୍ତ କପ୍‌କେକ୍ ଟାୱାର ତିଆରି ହୋଇଥିଲା। ପ୍ରୀତି କିଚେନ୍ ଆପ୍ଲାଏନ୍ସେସ୍ ଓ ଫୁଡ୍ କନ୍‌ସୁଲେଟ୍ ଚେନ୍ନାଇ ମିଳିତଭାବେ ପ୍ରୀତି କିଚେନ ଆପ୍ଲାଏନ୍ସର ୪୦ତମ ବାର୍ଷିକୀକୁ ପାଳନ କରିବା ପାଇଁ ଏହି କପ୍ କେକ୍ ଟାୱାର ତିଆରି କରିଥିଲେ। ମଲ୍‌ର ଗ୍ରାଉଣ୍ଡ ଫ୍ଲୋର୍‌ରେ ହିଁ କେକ୍‌ର ମିକ୍ସଚର୍ ପ୍ରସ୍ତୁତି, ବେକିଂ, ଆଇସିଂ, ଡେକୋରେସନ୍ ସବୁ କିଛି ହୋଇଥିଲା। ପରେ ହଜାର ହଜାର ସଂଖ୍ୟାର କପ୍‌କେକ୍‌କୁ ବିରାଟକାୟ ପିରାମିଡ ଆକାରର ଷ୍ଟ୍ରକ୍ଚରରେ ରଖାଯାଇ ଟାୱାର ତିଆରି କରାଯାଇଥିଲା। ପ୍ରତି କପ୍ କେକ୍‌ର ଓଜନ ୭୦ ଗ୍ରାମ ଥିଲା। ବ୍ୟବହୃତ ସର୍ବମୋଟ ୧୮, ୮୧୮ଟି କପ୍‌କେକ୍‌ର ଓଜନ ୧.୪ ଟନ୍ ଥିଲା। ପରେ ଉକ୍ତ କପ୍ କେକ୍‌ଗୁଡିକୁ ଗରିବ ଲୋକଙ୍କୁ ବାଣ୍ଟିବା ପାଇଁ ଏନ୍‌ଜିଓକୁ ପ୍ରଦାନ କରାଯାଇଥିଲା।







# କୁନି କୁନି ପ୍ରାଣୀ !

ଏଇ କୁନି କୁନି ସୁନ୍ଦର ପ୍ରାଣୀଙ୍କୁ ଦେଖି ଇଛା ହେଉଥିବ ଗେଲ କରିବାକୁ। ସେମାନଙ୍କୁ ହାତରେ ଟିକେ ଆଉଁସି ଦେବାକୁ। କେହି କେହି ତ ଚାହୁଁଥିବେ ଏଇ କୁନି ପ୍ରାଣୀଙ୍କ ଭିତରୁ ଯଦି ଗୋଟିଏ ମିଳି ଯାଆନ୍ତା ନିଜ ପାଖରେ ପେଟ୍ କରି ରଖି ଦିଅନ୍ତେ। ହେଲେ ଜାଣନ୍ତି କି ଏଇ ପ୍ରାଣୀଗୁଡିକ ସତସତିକା ନୁହନ୍ତି। ବରଂ ଉଲ୍, ସୁତା ଓ ଛୁଞ୍ଚିରେ ତିଆରି କଣ୍ଢେଇ। ଋଷୀୟାର କଳାକାର ୟୁଲିଆଡେରେଭ୍‌ସିକୋଭା ଏଇ ବାସ୍ତବ ଦେଖାଯାଉଥିବା ପ୍ରାଣୀଗୁଡିକୁ ତିଆରି କରିଛନ୍ତି। ଏଇ ପ୍ରାଣୀଗୁଡିକ ଏତେ କ୍ୟୁଟ୍ ଯେ, ଯେତେଥର ଦେଖିଲେ ବି ମନ ଭରିବ ନାହିଁ। ୨୦୧୫ରୁ ସେ ଏଇ ବେବି ଆନିମଲ୍‌ଙ୍କ କଣ୍ଢେଇ ତିଆରି କରି ଆସୁଛନ୍ତି।ଏବେ ଇନ୍‌ଷ୍ଟାଗ୍ରାମରେ ତାଙ୍କର ଲକ୍ଷ ଲକ୍ଷ ଫଲୋୟର। ସାରା ପୃଥିବୀରେ ତାଙ୍କର ଫ୍ୟାନ ଅଛନ୍ତି। ତାଙ୍କର ନିଖୁଣ କାରିଗରୀ ସମସ୍ତଙ୍କ ମନ ଜିଣିନିଏ।







# ବାଥଟବ୍ ନା କାର୍

ଦିନ ତମାମର କଠିନ ପରିଶ୍ରମ ପରେ ବାଥ୍‌ଟବ୍‌ରେ ଟିକେ ସ୍ନାନ କରିଦେଲେ ବେଶ୍ ଶାନ୍ତି ମିଳେ। ସବୁ ଥକ୍କାପଣ କୁଆଡେ ଉଭେଇଯାଏ। ତେବେ ଜାଣନ୍ତି କି ବାଥ୍‌ଟବ୍‌କୁ କେବଳ ଗାଧୋଇବା ପାଇଁ ନୁହେଁ ବରଂ ଅନ୍ୟ କାମରେ ବି ବ୍ୟବହାର କରିହେବ। ସ୍ୱିଜରଲାଣ୍ଡର ଜଣେ ଇଞ୍ଜିନିୟର୍ ତ ବାଥ୍‌ଟବ୍‌କୁ ରେସିଂ କାର୍ ଭାବେ ବ୍ୟବହାର କରିବାକୁ ଚିନ୍ତା କରିଥିଲେ। ସେ ଜଣେ ଇଞ୍ଜିନିୟର ସହ ଜଣେ କାର୍ ରେସିଂ ଡ୍ରାଇଭର୍ ବି। ତେଣୁ ଏଭଳି ଏକ ଯୋଜନା ତାଙ୍କ ମୁଣ୍ଡକୁ ଜୁଟିଥିଲା। ଆଉ ୩୦୦ଘଣ୍ଟା ପରିଶ୍ରମ କରି ସେ ଏକ ବାଥ୍‌ଟବ୍‌କୁ ରେସିଂ କାର୍‌ରେ ପରିଣତ କରିଦେଲେ। ଟବ୍‌ରେ ସେ ଗୋ-କାର୍ଟ ଚେସିସ୍, ୪ ସିଲିଣ୍ଡର ବିଶିଷ୍ଟ ୟାମାହା ଇଞ୍ଜିନ ସଂଯୋଗ କରି ତାକୁ ଏକ କାର୍‌ର ରୂପ ଦେଲେ। ଏହାପରେ ଅନେକ ଥର ଟେଷ୍ଟ ଡ୍ରାଇଭ୍ କଲେ। ଶେଷରେ ସେ ସେହି ବାଥ୍‌ଟବ୍ କାର୍‌ରେ ବିଶ୍ୱ ରେକର୍ଡ କରିବାକୁ ଭାବିଲେ। ସ୍ୱିଜରଲାଣ୍ଡ, ଭୌଫଲିନ୍‌ର ଡାଇନାମିକ୍ ଟେଷ୍ଟିଂ ସେଣ୍ଟରରେ ଘଣ୍ଟା ପ୍ରତି ୧୮୯.୯ କି.ମି. ବେଗରେ ବାଥ୍‌ଟବ୍‌କୁ ଚଳାଇ ବିଶ୍ୱ ରେକର୍ଡ କଲେ।

